## ଓଜେଇଇ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, (ବ୍ୟୁରୋ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୧ ପାଇଁ ପୁଣି ଆବେଦନ ସମୟ ବୃଦ୍ଧି କରାଯାଇଛି। ୨୬ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏଥିପାଇଁ ୨୮ ତାରିଖ ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଫି' ଦାଖଲ କରିବାକୁ ପଡ଼ିବ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏକାଧିକ ଥର ଆବେଦନ ସମୟକୁ ବୃଦ୍ଧି କରାଯାଇଛି। କିନ୍ତୁ ଏଣିକି ଆବେଦନ ଅବଧ ଆଉ ବଢ଼ିବ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

## ଗ୍ରୀନ୍ ୱାଲ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

### ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୧୨।୭(ଡି.ଏନ୍.ଏ.): ଗ୍ରୀନ୍ ୱାଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି। ଏଥିରେ ଲେଖା ରହିଛି, ଟୁ ଦି ଅନରେବଲ୍ ଚିଫ୍ ମିନିଷ୍ଟର ଅଫ୍ ଓଡ଼ିଶା, ଶ୍ରୀ ନବୀନ ପଟ୍ଟନାୟକ। 'ସାଇକ୍ଲୋନ୍ ପ୍ରୋନ୍ ଓଡ଼ିଶା ନିଡ୍‌ସ ଏ ନିୟୁ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ୍ ବିକଜ୍ ଉଇ ୱାଣ୍ଟ ଟୁ କ୍ରିଏଟ ଏ ୱାର୍ଲଡ ହୋୟାର ଦି ଏନ୍‌ଭାଇରମେଣ୍ଟ ଉଜ୍‌ନଟ ନିଡ୍ ପ୍ରୋଟେକ୍‌ସନ। ସେଭ୍ ଟ୍ରିଜ୍ ଫର୍ ଏ ବେଟର ଫିଉଚର'। ଏଥି ସହ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ଛବି। ଏକ ସୁସ୍ଥ ଭବିଷ୍ୟତ ପାଇଁ ବୃକ୍ଷର ସୁରକ୍ଷା ଜରୁରୀ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଶ୍ଚାତ୍ୟ ଦେଶ ସମେତ ଭାରତର ଅନେକ ରାଜ୍ୟ ଏବେ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ୍‌କୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ମଧ ୪ ଜୁନ ୨୦୧୯ରେ ଚିଠି ନଂ.ଏନ୍‌ୱାଇଏ ୦୧୫/୧୯ରେ ଚିଠି ଲେଖି ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ହସ୍ତକ୍ଷେପ କରନ୍ତୁ ବୋଲି ପରିବେଶବିତ୍ ସାହୁ ନିବେଦନ କରିଛନ୍ତି।

# ଡେବିଟ୍ କାର୍ଡ କ୍ଲୋନିଂ ମାଧ୍ୟମରେ ଠକେଇ

## ସତର୍କ କଲେ କଟକ ଡିସିପି

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ସାଇବର ଠକଙ୍କ ଆଡ୍ଡାସ୍ଥଳ ପାଲଟିଲାଣି ଓଡ଼ିଶା। ପୂର୍ବରୁ ଓଡ଼ିଶାରେ ହେଉଥିବା ସାଇବର ଠକେଇରେ ବାହାର ରାଜ୍ୟର ଲିଙ୍କ୍ ରହୁଥିଲା। ଏବେ ରାଜ୍ୟ ଭିତରେ ସାଇବର ଠକଙ୍କ ଉତ୍ପାତ ବଢ଼ିଯାଇଛି। ସେମାନେ ଠକେଇର ତରିକା ବାରମ୍ବାର ବଦଳାଇ ଲୋକଙ୍କୁ ଫସାଇ ଠକୁଛନ୍ତି। ଏବେ ସେମାନେ ଏଟିଏମ୍/ଡେବିଟ୍ କାର୍ଡ଼ କ୍ଲୋନିଂ ମାଧ୍ୟମରେ ଠକିପାରନ୍ତି ବୋଲି ପୋଲିସ ଓ ସାଇବର ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏନେଇ କଟକ ଡିସିପି ପ୍ରତୀକ ସିଂ ଟୁଇଟର୍ ମାଧ୍ୟମରେ ଲୋକଙ୍କୁ ସତର୍କ ଓ ସଚେତନ କରିଛନ୍ତି। ଏଥିସହ ଟଙ୍କା ଉଠାଇବାକୁ ଯିବାବେଳେ କ'ଣ ସବୁ ସତର୍କତା ଅବଲମ୍ବନ କରିବାକୁ ହେବ ସେନେଇ ପରାମର୍ଶ ଦେଇଛନ୍ତି।




### କ୍ଲୋନିଂ କ'ଣ, କିପରି ଠକେଇ ହୁଏ?

କୌଣସି ଏଟିଏମ୍ ବା ଡେବିଟ୍ କାର୍ଡ଼ର ଅବିକଳ ତଥ୍ୟ ସହ ନକଲ କାର୍ଡ଼ ପ୍ରସ୍ତୁତ କରିବାକୁ ଏଟିଏମ୍ କ୍ଲୋନିଂ କୁହାଯାଏ। ସାଇବର ଠକମାନେ ପ୍ରଥମେ ଟଙ୍କା ଉଠାଇବାକୁ ଏଟିଏମ୍ ଯାଉଥିବା ଲୋକଙ୍କ କାର୍ଡର ତଥ୍ୟକୁ ବିଭିନ୍ନ ଉପାୟରେ ଚୋରି କରିଥାନ୍ତି। ବ୍ୟାଙ୍କ ଓ ଏଟିଏମ୍‌କୁ ସପୋର୍ଟ କରୁଥିବା ତଥ୍ୟ ଦେଇ ନକଲି କାର୍ଡ ପ୍ରସ୍ତୁତ କରିବା ପରେ ତାହା ଜରିଆରେ ଟଙ୍କା ଉଠାଇନେଇଥାନ୍ତି। ତେବେ ତଥ୍ୟ ଚୋରି ସଂକ୍ରାନ୍ତରେ ଡିସିପି ସିଂ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ଏଟିଏମ୍ କାର୍ଡରେ ଏକ କଳାରଙ୍ଗର ମାଗ୍‌ନେଟ୍ ଷ୍ଟ୍ରିପ୍ ଲାଗିଥାଏ। ଏଥିରେ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟର ଗୁପ୍ତ ତଥ୍ୟ ରହିଥାଏ। ସାଇବର ଠକମାନେ ଉକ୍ତ ମାଗନେଟ୍ ଷ୍ଟ୍ରିପ୍‌ରୁ ତଥ୍ୟ ନେବା ପାଇଁ ସ୍କିମର ମେଶିନ ଓ ଗୁପ୍ତ କ୍ୟାମେରା ବ୍ୟବହାର କରିଥାନ୍ତି। ଏଟିଏମ୍ ମେଶିନର କାର୍ଡ ପ୍ରବେଶ ସ୍ଥାନରେ ମଧ୍ୟ ସାଇବର ଠକମାନେ ଏହି ମେଶିନ ଖଞ୍ଜିଥାନ୍ତି। ଫଳରେ ଜଣେ ଲୋକ କାର୍ଡ ଭର୍ତ୍ତି କରିବାମାତ୍ରେ ମ୍ୟାଗ୍‌ନେଟିକ୍ ଷ୍ଟ୍ରିପ୍‌ରେ ଥିବା ଗୁପ୍ତ ତଥ୍ୟକୁ ମେଶିନଟି ସଂଗ୍ରହ କରିନିଏ। ଏଥିସହିତ ଏଟିଏମ୍ କି-ପ୍ୟାଡ୍ ଉପରେ ଛୋଟ କ୍ୟାମେରା ଲଗାଇଥାନ୍ତି। ଲୋକେ ପିନ୍ ନମ୍ବର ଟିପିବାକ୍ଷଣି ତାହା କ୍ୟାମେରାରେ ରେକର୍ଡିଂ ହୋଇଯାଇଥାଏ। କେତେକ ସ୍ଥଳେ ଠକମାନେ ଟଙ୍କା ଉଠାଉଥିବା ଲୋକର ପଛରେ ଛିଡା ହୋଇ ଗୁପ୍ତ କ୍ୟାମେରା ସାହାଯ୍ୟରେ ପିନ୍ ନମ୍ବର ଚୋରି କରିଥାନ୍ତି। ପରେ ସେମାନେ ଏହି ତଥ୍ୟକୁ ନେଇ ଉକ୍ତ କାର୍ଡ଼ର ଏକ କ୍ଲୋନ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଅନ୍ତି। ସେହିଭଳି ଏକ ସ୍ୱତନ୍ତ୍ର ମେଶିନ ସାହାଯ୍ୟରେ ଏଟିଏମ୍ ହ୍ୟାକ୍ କରିଦେଇଥାନ୍ତି। ସାଧାରଣ ଲୋକେ ଟଙ୍କା ଉଠାଇବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସାହାଯ୍ୟ କରିବା ବାହାନାରେ ଠକମାନେ ତଥ୍ୟ ଚୋରାଇ ନେଇ ଆକାଉଣ୍ଟରୁ ଟଙ୍କା ଉଠାଇ ନିଅନ୍ତି।

### ସାଇବର ବିଶେଷଜ୍ଞଙ୍କ ମତରେ...

ସଚେତନ ହେଲେ ଏଭଳି ଠକେଇରୁ ବର୍ତ୍ତିପାରିବା ବୋଲି ସାଇବର ବିଶେଷଜ୍ଞ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏଟିଏମ୍‌ରେ ଟଙ୍କା ଉଠାଇବାକୁ ଯିବା ସମୟରେ ମେଶିନକୁ ଭଲ ଭାବେ ଲକ୍ଷ୍ୟ କରନ୍ତୁ। ମେଶିନରେ କାର୍ଡ ଭର୍ତ୍ତି କରିବା ସ୍ଥାନରେ ଉଚ୍ଚା ଲାଗିବା କିମ୍ବା ଅନ୍ୟ କୌଣସି ଅସ୍ୱାଭାବିକ ଲକ୍ଷଣ ଦେଖିଲେ ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷକୁ ଜଣାନ୍ତୁ। ଏଟିଏମ୍ ପିନ୍ ଦେବା ସମୟରେ ହାତ ଦେଇ ମାରନ୍ତୁ ଯେମିତି ଅନ୍ୟ କେହି ଏହା ଦେଖିପାରିବେ ନାହିଁ। କୌଣସି ଗୁପ୍ତ କ୍ୟାମେରା ଲାଗିଛି କି ନାହିଁ ଯାଞ୍ଚ କରିନିଅନ୍ତୁ। ଟଙ୍କା ଉଠାଇବା ସମୟରେ କୌଣସି ଅପରିଚିତ ଲୋକର ସାହାଯ୍ୟ ନିଅନ୍ତୁ ନାହିଁ। ନିଜ କାର୍ଡ଼ର ପିନ୍ ବାରମ୍ବାର ପରିବର୍ତ୍ତନ କରନ୍ତୁ। ଏହାପରେ ମଧ୍ୟ କୌଣସି ସମସ୍ୟା ଦେଖାଗଲେ ତୁରନ୍ତ ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ ବୋଲି ପ୍ରଶାନ୍ତ ମତ ଦେଇଛନ୍ତି।

## ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ ସମାରୋହ



ଭୁବନେଶ୍ୱର,୧୨।୭(ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ୧୦୬ତମ ଜୟନ୍ତୀ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଗଙ୍ଗାଧର ଭବନରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜୟନ୍ତୀ କମିଟି ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ସିପିଆଇ ଜାତୀୟ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ଶ୍ରମିକ ନେତା ଜୟନ୍ତ ଦାସ, ସୁର ଜେନା, ନୃସିଂହ ବେହେରା ପ୍ରମୁଖ ଯୋଗଦେଇ ସମାଜରେ ଅବହେଳିତ ଲୋକଙ୍କ ସ୍ୱାର୍ଥ ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ସହ ଗଣତନ୍ତ୍ରକୁ ଅକ୍ଷୁଣ୍ଣ ରଖିବା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଜୟ ମହାନ୍ତି, ସମାଜସେବୀ ବଂଶୀଧର ଭୂୟାଁ, ବିଜୟ ଜେନା, କୈଳାସ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ପାଇକରାୟ ଧନ୍ୟବାଦ ଦେଇଥିଲେ।

## କାର୍ ଚଢ଼ାଇ ୪ କୁକୁର ଛୁଆକୁ ହତ୍ୟା

### ରାଜଧାନୀରେ ନିଷ୍ଠୁରତାର ସୀମା ଟପିଲା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜଧାନୀରେ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତାର ସୀମା ଟପିଛି। ରାସ୍ତାରେ ମା' ସହ ବୁଲୁଥିବା ୪ କୁକୁର ଛୁଆ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏପରି ହୃଦୟବିଦାରକ ଘଟଣା ମଞ୍ଚେଶ୍ୱର ଥାନାଞ୍ଚଳରେ ଘଟିଛି। ଏନେଇ ସୋମବାର ସେବା ହିଁ ସଂକଳ୍ପ ସଂଗଠନ ପକ୍ଷରୁ ଥାନାରେ ଅଭିଯୋଗ ପରେ ଘଟଣା ପଦାକୁ ଆସିଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସେବା ହିଁ ସଂକଳ୍ପ ସଂଗଠନ ପକ୍ଷରୁ ଅପରାହ୍ନ ପ୍ରାୟ ୫ଟା ୩୦ରେ ସ୍ଥାନୀୟ ସତ୍ୟବିହାରସ୍ଥିତ ବେଲବଣିଆ ମଠ ନିକଟରେ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ବାଣ୍ଟୁଥିଲେ। ମଠ ସାମ୍ନାରେ ଏକ ମା' କୁକୁରଠୁ କ୍ଷୀର ପିଇ ପିଇ ୪ଟି ଛୁଆ ରାସ୍ତାରେ ବୁଲାବୁଲି କରୁଥିଲେ। ଏହି ସମୟରେ କେହି ଜଣେ କୁକୁର ଛୁଆଙ୍କ ଉପରେ କାର୍ ଚଢାଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। କୁକୁର ଛୁଆମାନେ ଚିତ୍କାର କରିବା ସହ ଛଟପଟ ହୋଇ ମରିଯାଇଥିଲେ। ସଙ୍ଗଠନର ଜଣେ ସଦସ୍ୟ ଏହା ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

## ବ୍ୟାପକ ଟିକାକରଣ ତୃତୀୟ ଲହର ରୋକିବ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)

କୋଭିଡ୍ ମୁକାବିଲା ପାଇଁ ଗୋଷ୍ଠୀ ପ୍ରତିରୋଧ ଶକ୍ତି ବିକାଶ କରିବା ସକାଶେ ୧୮ରୁ ଊର୍ଦ୍ଧ୍ୱ ୯୦ ପ୍ରତିଶତ ଲୋକଙ୍କୁ ଟିକାକରଣ କରିବା ନିହାତି ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଓଡିଶା ଡାଇଲଗ୍‌ସ ଫୋରମ୍ ପକ୍ଷରୁ ଆୟୋଜିତ ଏକ ୱେବିନାରରେ ଯୋଗଦେଇ ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସଭାପତି ପ୍ରଫେସର କେ. ଶ୍ରୀନାଥ ରେଡ୍ଡୀ କହିଛନ୍ତି, ଆସନ୍ତା ଅକ୍ଟୋବର ଆରମ୍ଭ ବେଳକୁ ଦେଶରେ ସମ୍ଭାବ୍ୟ ତୃତୀୟ ଲହର ଆସିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ସତର୍କ କରାଇ ଆସୁଛନ୍ତି। ବିଭିନ୍ନ ଗାଣିତିକ ମଡେଲ୍‌ରେ ଭିନ୍ନ ଭିନ୍ନ ଚିତ୍ର ଦର୍ଶାଉଥିବାରୁ ତୃତୀୟ ଲହରର ଭୟାଭୟତା ଠିକ ଭାବେ ଆକଳନ କରିବା ଯଦିଓ ସମ୍ଭବ ନୁହେଁ, ତଥାପି ଆମକୁ ମୁକାବିଲା ପାଇଁ ଏବେଠାରୁ ପ୍ରସ୍ତୁତ ରହିବାକୁ ହେବ। ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ଉପ-ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଡା. ରମାକାନ୍ତ ପଣ୍ଡା କହିଛନ୍ତି ଯେ, ସାଧାରଣତଃ ଯେ କୌଣସି ମହାମାରୀର ପ୍ରଭାବ ଦୁଇରୁ ତିନି ବର୍ଷ ରହିଥାଏ। ଏହା ଦୁର୍ବଳ ହେବା ପୂର୍ବରୁ ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କରିଥାଏ। ମହାମାରୀଠାରୁ ରକ୍ଷା ପାଇବା ପାଇଁ ଆମର ଟିକାକରଣ ପ୍ରକ୍ରିୟାକୁ ଆହୁରି ଜୋରଦାର୍ କରିବା ଆବଶ୍ୟକ। ପିଲାମାନେ ବୟସ୍କଙ୍କ ଠାରୁ ଅଧିକ ଆକ୍ରାନ୍ତ ହେବେ ବୋଲି କୌଣସି ବିଜ୍ଞାନ ସମ୍ମତ ପ୍ରମାଣ ନାହିଁ। ତେଣୁ ସେଥିପ୍ରତି ଭୟ ନ କରି ଆସନ୍ନ ବିପଦ ପ୍ରତି ସାବଧାନତା ଅବଲମ୍ବନ କରିବା ଜରୁରୀ ବୋଲି ବୌଦ୍ଧ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ମଦନ ମୋହନ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସିଟିଜେନ୍ସ କଲେକ୍ଟିଭ ଫର୍ ପବ୍ଲିକ ହେଲ୍‌ଥର ଡ. ବିଜୟା ବିଶ୍ୱାଳ, ହର୍ଷା ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଶ୍ମି ଅଦ୍ଲେଖା, ୟୁଥ୍ ଫର୍ ସୋସିଆଲ୍ ଡେଭେଲପ୍‌ମେଣ୍ଟର ବିଜୁ ପ୍ରସାଦ ସାହୁ, ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଓଡିଶା ଡାଇଲଗ୍‌ସର ପ୍ରତିଷ୍ଠାତା ସଦସ୍ୟ ଡ. ବିଧୁ କଲ୍ୟାଣ ମହାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ।




ପବିତ୍ର ରଥଯାତ୍ରା ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ରଥଯାତ୍ରା ବିଶେଷାଙ୍କର ଶୁଭ ଉନ୍ମୋଚନ କରୁଛନ୍ତି।



ଇସ୍କନ ମନ୍ଦିରରେ ରଥାରୂଢ଼ ଶ୍ରୀଜଗନ୍ନାଥ।



ପଟିଆ ଜଗନ୍ନାଥ ମନ୍ଦିରରେ ତିନିଠାକୁର।



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନୀତି ଚାଲିଛି।

## ମୁମ୍ବାଇରେ ମନ୍ଦିର ବେଢ଼ାରେ ରଥଯାତ୍ରା

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)

ନଭି ମୁମ୍ବାଇର ଖରଘର ସେକ୍ଟର-୩ ବାଲାଜି ଆଙ୍ଗନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଜୟ ଜଗନ୍ନାଥ ଲୋକ ତାରଣ ଟ୍ରଷ୍ଟ ପକ୍ଷରୁ ମହାପ୍ରଭୁଙ୍କ ରଥଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ପାଇଁ ନିରାଡମ୍ବର ଭାବେ ମନ୍ଦିର ବେଢ଼ାରେ ପରମ୍ପରା ଅନୁସାରେ ଘୋଷଯାତ୍ରାର ସମସ୍ତ ନୀତିପୂଜା ସମ୍ପନ୍ନ ହୋଇଥିଲା। ଓଡ଼ିଆ ପୁଅ ରାମ ପ୍ରସାଦ ମୁଦୁଲି ଛେରାପହଁରା କରିଥିଲେ। କେବଳ ପାରମ୍ପରିକ ଘଣ୍ଟ ବାଦ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଓ ରଥଯାତ୍ରା ନୀତି କରାଯାଇଥିଲା। ଟ୍ରଷ୍ଟର ସତ୍ୟବ୍ରତ ପଟ୍ଟନାୟକ, ରତନ ପଟ୍ଟନାୟକ, ବିଭୂତି ରଥ, ଧର୍ମାନନ୍ଦ ପଢ଼ିହାରୀ, ମୁଖ୍ୟ ପୂଜକ ରଞ୍ଜନ ଶତପଥୀ, ବସନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରଥିଲେ।



ନଭି ମୁମ୍ବାଇରେ ଅନୁଷ୍ଠିତ ରଥଯାତ୍ରା।



ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ଶ୍ରୀଜୀଉଙ୍କ ରଥାଯାତ୍ରା ନୀତି ଚାଲିଛି।

## ରଥରେ ଶ୍ରୀଜୀଉଙ୍କୁ ଦର୍ଶନ କରି ପାରିଲେନି ଭକ୍ତ





ଆର୍‌ସିଏମ୍ ମନ୍ଦିରରେ ଛେରାପହଁରା ଓ ୟୁନିଟ୍-୫ ଜଗନ୍ନାଥ ମନ୍ଦିରରେ ବଳଭଦ୍ରଙ୍କ ପହଣ୍ଡି।

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ ପର୍ବ ରଥଯାତ୍ରା ସୋମବାର ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। କରୋନା କଟକଣା ପାଇଁ କେବଳ ପୁରୀରେ ବିନା ଭକ୍ତରେ ରଥଟଣା ହୋଇଥିବାବେଳେ ଭୁବନେଶ୍ୱର ସମେତ ଅନ୍ୟ ସବୁଠି ବନ୍ଦ ରହିଛି। କେବଳ ବିଧି ପାଳନ ପୂର୍ବକ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଭକ୍ତଶୂନ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗତବର୍ଷରୁ ରଥରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆତୁର ଭକ୍ତ ଏବର୍ଷ ବି ବଞ୍ଚିତ ହୋଇଛନ୍ତି। ରାଜଧାନୀର ଅନ୍ୟତମ ପ୍ରସିଦ୍ଧ ଇସ୍କନ ମନ୍ଦିରରେ ଚଳିତବର୍ଷ ୩୨ତମ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ୪ଟାରେ ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ତେବେ ପବିତ୍ର ରଥଯାତ୍ରା ତିଥିରେ ଶ୍ରୀମଦ୍ ରାଧାଗୋବିନ୍ଦ ସ୍ୱାମୀ ମହାରାଜାଙ୍କ ବ୍ୟାସ ପୂଜା ଉତ୍ସବ ହେଉଥିବାରୁ ପ୍ରଥମେ ମନ୍ଦିର ପରିସରରେ ଏହି ପୂଜା କରାଯାଇଥିଲା। ପରେ ଅପରାହ୍ନ ୩ଟା ୪୫ରେ ୩ ରଥକୁ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରର ବରିଷ୍ଠ ଭକ୍ତ ଶ୍ରୀପାଦ ଆତ୍ମାରାମ ଦାସ ଛେରା ପହଁରା କରିଥିଲେ। ପ୍ରଥମେ ସୁଦର୍ଶନ ପରେ ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କୁ ଘଣ୍ଟଘଣ୍ଟା, କାହାଳୀ, ଚାମର ଆଦିରେ ମହାସଂକୀର୍ତ୍ତନ କରି ପହଣ୍ଡି ବିଜେ କରାଯାଇ ରଥକୁ ନିଆଯାଇଥିଲା। ରଥାରୂଢ ମହାପ୍ରଭୁଙ୍କ ପାଖରେ ପୋଡପିଠା ସହ ବିଭିନ୍ନ ପିଠା ଓ ମିଠା ଲାଗି ହୋଇଥିଲା। ଏହାପରେ ଶ୍ରୀଜୀଉଙ୍କୁ ମହାସଂକୀର୍ତ୍ତନରେ ମନ୍ଦିର ପରିସର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସନ୍ଧ୍ୟା ୬ଟା ୧୫ରେ ଠାକୁରଙ୍କ ପାଖରେ ସନ୍ଧ୍ୟା ଆଳତି ପରେ ସାଦ ବଣ୍ଟନ କରାଯାଇଥିଲା। ୟୁନିଟ-୮ସ୍ଥିତ ଓୟୁଏଟି କଲୋନୀ ଜଗନ୍ନାଥ ମନ୍ଦିରରେ ରଥ ନିର୍ମାଣ ହୋଇ ନ ଥିଲା। ମନ୍ଦିର ବେଢାରେ ହିଁ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ସେହିଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଓ ମନ୍ଦିର ସଦସ୍ୟଙ୍କ ଉପସ୍ଥିତିରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ପାଖରେ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ସେହିପରି ୟୁନିଟ-୫, ଶୈଳଶ୍ରୀ ବିହାର, ପଟିଆ, ବାଣୀବିହାର, ଆର୍‌ସିଏମ୍ ଆଦି ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ନୀତି ସମ୍ପନ୍ନ ହୋଇଥିଲା।

## ଚକ୍ ଖଡ଼ିରେ ୧ ଇଞ୍ଚ ରଥ, ୧.୫ ସେମି ଜଗନ୍ନାଥ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)



ଭୁବନେଶ୍ୱରର ନିବାସୀ ତଥା ଯୁବ ଇଞ୍ଜିନିୟର ଶିବାଶିଷ ପଣ୍ଡା ନିଜ କଳାକୃତି ମାଧ୍ୟମରେ ଜଗନ୍ନାଥ ମହାପ୍ରଭୁଙ୍କୁ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି। ପବିତ୍ର ରଥଯାତ୍ରା ଅବସରରେ ସେ ଖଣ୍ଡିଏ ଚକ୍ ଖଡ଼ିରେ ଏକ କ୍ଷୁଦ୍ର ରଥ ତିଆରି କରିଛନ୍ତି। ରଥର ଉଚ୍ଚତା ୧ ଇଞ୍ଚ ରହିଥିବାବେଳେ ଜଗନ୍ନାଥଙ୍କ ଉଚ୍ଚତା ୧.୫ ସେମି ରହିଛି। ସେହିପରି ଜଗନ୍ନାଥଙ୍କ ସାରଥିଙ୍କ ଉଚ୍ଚତା ରହିଛି ମାତ୍ର ୩ ସେମି। ରଥରେ ବାନା, ଓଲଟ ପାରା, ଡାହୁକ ଓ ଘୋଡା ସାଙ୍ଗକୁ ରହିଛନ୍ତି ସାରଥି। ଏହାକୁ ନିର୍ମାଣ କରିବା ପାଇଁ ତାଙ୍କୁ ୫ଦିନ ସମୟ ଲାଗିଥିଲା। ରଥ ତିଆରି କରିବାବେଳେ ସେ ଅନେକଥର ଏହାକୁ ଭାଙ୍ଗି ପୁଣି ତିଆରି କରିବାକୁ ପଡୁଥିଲା ବୋଲି ଶିବାଶିଷ କହିଛନ୍ତି।



ଶୈଳଶ୍ରୀବିହାର ଜଗନ୍ନାଥମନ୍ଦିର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁଲାଇ, ୨୦୨୧



## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବ୍ରହ୍ମଗିରି,(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଅମୂଲ୍ୟ କୁମାର ଷଣ୍ଢ (୩୭)। ସୂଚନା ଅନୁଯାୟୀ, ଅମୂଲ୍ୟ ନିଜ ଘରେ ବିଦ୍ୟୁତ କାମ କରୁଥିବା ସମୟରେ ହଠାତ୍ କରେଣ୍ଟ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପୁରୀ ଯିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଏ ନେଇ ତାଙ୍କ ବଡ଼ଭାଇ ଜଳନ୍ଧର ଷଣ୍ଢ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ଲୋକନାଥ ପାର୍କରେ ଚାରାରୋପଣ



**କୃଷ୍ଣପ୍ରସାଦ,୧୨।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର ଗଢ଼ିବା ଲକ୍ଷ୍ୟରେ ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟ ଜାରି ରହିଛି। ସୋମବାର ବଡ଼ଝାଡ ପଞ୍ଚାୟତ ଲୋକନାଥ ପାର୍କ ପରିସରରେ ଗ୍ରୀନ୍ ପାରିକୁଦର ଆବାହକ ହିମାଂଶୁ ନାୟକଙ୍କ ନେତୃତ୍ୱରେ ସରପଞ୍ଚ ସତ୍ୟବାନ ତରେଇ, ବିଜୟ ତରେଇ, କାଶୀନାଥ ଜେନାଙ୍କ ସହଯୋଗରେ ୧୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନ ରୋକିବାକୁ ହେଲେ ବ୍ୟାପକ ଚାରାରୋପଣ ସହ ଯତ୍ନ ନେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

## ମହାପ୍ରଭୁଙ୍କ ଦର୍ଶନ କଲେ ବିଧାୟକ ସୁରେଶ ରାଉତରାୟ

**ପୁରୀ ଅଫିସ, ୧୨।୭:** କଟକଣାକୁ ଅଣଦେଖା କରି କଂଗ୍ରେସ ନେତ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ ସୋମବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସାଧାରଣ ଲୋକ ଏପରି କି ପୁରୀବାସୀଙ୍କୁ ବଡଦାଣ୍ଡ ଓ ରଥ ଦର୍ଶନ ମନା ଥିବାବେଳେ ବିଧାୟକ ରାଉତରାୟ କିପରି ମହାପ୍ରଭୁଙ୍କ ଦର୍ଶନ କଲେ ତାଙ୍କୁ କିଏ ପୁରୀ ସହରରେ ପ୍ରବେଶ କରିବା ପାଇଁ ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ରଥଯାତ୍ରା ପୂର୍ବରୁ ସେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ସୂଚନା ଦେଇଥିଲେ। କରୋନା ଆଳ ଦେଖାଇ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯେଉଁ ପାଚେରୀ ସୃଷ୍ଟି କରୁଛନ୍ତି ତାହାକୁ ସେ ସମାଲୋଚନା କରିଥିଲେ। ଅପରପକ୍ଷରେ ମହାପ୍ରଭୁଙ୍କ ନୀତିକାନ୍ତି ସଅଳ ସରିଥିବାରୁ ସେ ସମସ୍ତ ସେବାୟତ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

## ବଟେଶ୍ୱର ଦେବଙ୍କ ରତ୍ନମୁଦ ଉତ୍ସବ

**କୃଷ୍ଣପ୍ରସାଦ,୧୨।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ପାଞ୍ଚପଡ଼ାସ୍ଥିତ ବଟେଶ୍ୱର ମହାଦେବଙ୍କ ମନ୍ଦିରରେ ରତ୍ନମୁଦ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଗୋମୁଣ୍ଡିଆ ପାଞ୍ଚପଡ଼ା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଗୋମୁଣ୍ଡିଆ, ଉଆସପଦର, ପାଇକସାହି, ଟୁଙ୍ଗୁକା, ସାମନ୍ତରାପୁର ଓ ହରିଚନ୍ଦନପୁର ଗ୍ରାମ୍ୟ କମିଟି ସହଯୋଗ କରିଥିଲେ। ମନ୍ଦିର ପୁରୋହିତ ପଣ୍ଡିତ ଟୁକୁନା କୁମାର କର ମନ୍ତ୍ରପାଠ କରି ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ପରିଚାଳନା କମିଟି ସଭାପତି ରଙ୍ଗନାଥ ପ୍ରଧାନ, ସମ୍ପାଦକ ନରେନ୍ଦ୍ର ପ୍ରଧାନ ସମସ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ।

# ଅପହରଣ କରି ୫ଲକ୍ଷ ଦାବି

- ଗୁରୁତର ଅବସ୍ଥାରେ ଅପହୃତ ଉଦ୍ଧାର
- ୩ ଗିରଫ, କାର ଜବତ

**ନିରାକାରପୁର,୧୨।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ମଳିପଡ଼ା ଅଞ୍ଚଳରୁ ଅପହୃତ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ରବିବାର ଅପରାହ୍ନରେ ପୋଲିସ ଜଟଣୀ ଥାନା ହରିରାଜପୁର ନିକଟ ଏକ ଜଙ୍ଗଲରୁ ଉଦ୍ଧାର କରିଛି। ସେ ହେଲେ ମଳିପଡ଼ା ଗ୍ରାମର ସତ୍ୟନାରାୟଣ ବେହେରା। ଏହି ଘଟଣାରେ ପୋଲିସ ୩ଜଣ ଅପହରଣକାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଭାଲିଆବାଡିର ସୁଶିଲ ବଳିୟାରସିଂହ, ସଦର ଥାନା ବାରଘରପାଟଣାର ଶିବସୁନ୍ଦର ଦାଶ ଓ ଜଟଣୀ ଥାନା ଅରଗୁଳର ଆଦିତ୍ୟ ସାହୁ। ଏମାନଙ୍କ ନିକଟରୁ ଏକ କାର୍ ଜବତ ହୋଇଛି। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ପୋଲିସ ସୂଚନା ମୁତାବକ, ସତ୍ୟନାରାୟଣ ମଳିପଡ଼ା ଅଞ୍ଚଳର ରସାନନ୍ଦ କଳସଙ୍କ ପାଖରେ ରହି ଖଣି କାମ ବୁଝାଶୁଝା କରୁଥିଲେ। ତେବେ କୌଣସି କାରଣକୁ ନେଇ ସତ୍ୟନାରାୟଣଙ୍କୁ ରବିବାର ସକାଳେ ଦେଉଳଟାଙ୍ଗୀର ସୂର୍ଯ୍ୟ ଖଣ୍ଡି ଓ ତା'ର ସହଯୋଗୀମାନେ ଏକ କାରରେ ଅପହରଣ କରିନେଇଥିଲେ। ତେବେ ସତ୍ୟନାରାୟଣଙ୍କୁ ଛାଡ଼ିବା ପାଇଁ ଅପହରଣକାରୀମାନେ ୫ଲକ୍ଷ ଟଙ୍କା ଦାବି କରୁଥିଲେ ବୋଲି ରସାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୪୬/୨୧) ରୁଜୁ ହୋଇଥିଲା। ଏହା ପରେ ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ଜଙ୍କିଆ ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜଟଣୀ ଥାନା ହରିରାଜପୁର ନିକଟରେ ଥିବା ଏକ ଜଙ୍ଗଲରେ ଏହି ଟିମ୍ ଜଟଣୀ ପୋଲିସ ସହାୟତାରେ ଚଢ଼ାଉ କରି ସତ୍ୟନାରାୟଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ଏଥିସହ ପୋଲିସ ୩ ଅପହରଣକାରୀଙ୍କୁ ଧରିବା ସହ ଏକ କାର(ଓଡି୦୫ ଏବି ୮୯୭୯) ଜବତ କରିଥିଲା। କିନ୍ତୁ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ସୂଚନାଯୋଗ୍ୟ, ସୂର୍ଯ୍ୟ ଖଣ୍ଡି ଓ ତା'ର ସହଯୋଗୀମାନେ ପୂର୍ବରୁ ରସାନନ୍ଦଙ୍କ ଅଫିସରୁ ୧ଲକ୍ଷ ୫୦ହଜାର ଟଙ୍କା ଓ ଦୁଇଟି ବାଇକ୍ ଡକାୟତି କରିନେଇଥିଲେ। ଏନେଇ ରସାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୨/୨୧) ରୁଜୁକରି ସୂର୍ଯ୍ୟ ଓ ତା'ର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତେବେ ୧୫ଦିନ ପୂର୍ବେ ଅଭିଯୁକ୍ତମାନେ ଜେଲରୁ ଆସିବା ପରେ ଏଭଳି ଘଟଣା ଘଟାଇଛନ୍ତି ବୋଲି ପୋଲିସ କହିଛି।







ଗିରଫ ୩ ଅପହରଣକାରୀ ଏବଂ ଜବତ କାର୍।

## ୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ବ୍ୟବସାୟୀ ଗିରଫ ସହ ୯୯,୬୦୦ ଟଙ୍କା ଜବତ**

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୨।୭(ଡି.ଏନ୍.ଏ.)**

ଲକ୍‌ଡାଉନରେ ଖୋର୍ଦ୍ଧା ଜିଲାରେ ବଢ଼ିଚାଲିଛି ନିଶା କାରବାର। ସହରାଞ୍ଚଳରୁ ଏବେ ଗ୍ରାମାଞ୍ଚଳକୁ ଏହି କାରବାର ବ୍ୟାପିଲାଣି। ବୋଲଗଡ଼ରେ ପୂର୍ବରୁ ଚୋରା ଦେଶୀ ମଦ ଓ ଗଞ୍ଜେଇ ଚୋରାଚାଲାଣ ବଢ଼ିବାରେ ଲାଗିଛି। ନୟାଗଡରୁ ବ୍ରାଉନସୁଗାର ଆଣି ବେପାରୀମାନେ ଏଠାରେ ଖୁଲମଖୁଲା ଭାବେ ବିକ୍ରି କରୁଛନ୍ତି। ଯୁବପିଢି ଏହାର ଶିକାର ହେଉଛନ୍ତି। ବୋଲଗଡ଼ ଗ୍ରାମାଞ୍ଚଳକୁ ଏହି ଚେର ଲମ୍ବିବାରେ ଲାଗିଛି। ସୋମବାର ବୋଲଗଡ଼ ପୋଲିସ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ବେପାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ନୟାଗଡ ସିନ୍ଦୁରିଆ ପାଟନା ସାହିର ହାପୁସ ଓରଫ ହାକିମ୍ ଖାନ୍(୪୦)। ତାଙ୍କ ଠାରୁ ପୋଲିସ ୩୧.୩୪ ଗ୍ରାମର ବ୍ରାଉନସୁଗାର ଓ ୯୯,୬୦୦ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଥାନାରେ ୨୧(ବି)ଏନଡିପିଏସ ଆକ୍ଟରେ ମାମଲା(ନଂ.୧୦୮/୨୧) ରୁଜୁ ହୋଇଛି। ସୂଚନା ମୁତାବ, ହାକିମ ଲକଡାଉନ ସମୟରେ ବୋଲଗଡ ଅଞ୍ଚଳରେ ବ୍ରାଉନସୁଗାର କାରବାର କରି ଆସୁଥିଲେ। ସେମବାର ପୂର୍ବାହ୍ନ ୧୦ଟାରେ ବୋଲଗଡ଼ ଭଗବତୀ ମନ୍ଦିର ନିକଟର ଇଚ୍ଛାପୁର ସାହିରେ ହାକିମ ବ୍ରାଉନସୁଗାର ବିକ୍ରି କରୁଥିଲେ। ଖବରପାଇ ବୋଲଗଡ ଥାନାଧିକାରୀ ବିଦିତା ନାୟକ ଏକ ଟିମ୍ ସହ ଚଢ଼ାଉ କରିଥିଲେ। ଅଭିଯୁକ୍ତ ଜଣକ ସେଠାରୁ ଖସିଯିବାକୁ ଉଦ୍ୟମ ବେଳେ ପୋଲିସ ତାଙ୍କୁ ଗୋଡାଇ କାବୁ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।





ଗିରଫ ଅଭିଯୁକ୍ତ, ଜବତ ବ୍ରାଉନ୍‌ସୁଗାର ଓ ଟଙ୍କା।



ବୋଲଗଡ଼ ବ୍ଲକର ଗେଡିଆପଲ୍ଲୀ ଗ୍ରାମରେ କୁନି ପିଲାମାନେ ସୋମବାର ରଥ ଟାଣୁଛନ୍ତି।

## କାର୍ ଚଢ଼ାଇ ୪ କୁକୁର ଛୁଆକୁ ହତ୍ୟା

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ରାଜଧାନୀରେ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତାର ସୀମା ଟପିଛି। ରାସ୍ତାରେ ମା' ସହ ବୁଲୁଥିବା ୪ କୁକୁର ଛୁଆ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏପରି ହୃଦୟବିଦାରକ ଘଟଣା ମଞ୍ଚେଶ୍ୱର ଥାନାଞ୍ଚଳରେ ଘଟିଛି। ଏନେଇ ସୋମବାର ସେବା ହିଁ ସଂକଳ୍ପ ସଂଗଠନ ପକ୍ଷରୁ ଥାନାରେ ଅଭିଯୋଗ ପରେ ଘଟଣା ପଦାକୁ ଆସିଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସେବା ହିଁ ସଂକଳ୍ପ ସଂଗଠନ ପକ୍ଷରୁ ଅପରାହ୍ନ ପ୍ରାୟ ୫ଟା ୩୦ରେ ସ୍ଥାନୀୟ ସତ୍ୟବିହାରସ୍ଥିତ ବେଲବଣିଆ ମଠ ନିକଟରେ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ବାଣ୍ଟୁଥିଲେ। ମଠ ସାମ୍ନାରେ ଏକ ମା' କୁକୁରଠୁ କ୍ଷୀର ପିଇ ପିଇ ୪ଟି ଛୁଆ ରାସ୍ତାରେ ବୁଲାବୁଲି କରୁଥିଲେ। ଏହି ସମୟରେ କେହିଜଣେ କୁକୁର ଛୁଆଙ୍କ ଉପରେ କାର୍ ଚଢାଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। କୁକୁର ଛୁଆମାନେ ଚିତ୍କାର କରିବା ସହ ଛଟପଟ ହୋଇ ମରିଯାଇଥିଲେ। ସଙ୍ଗଠନର ଜଣେ ସଦସ୍ୟ ଏହା ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

## ବିଧି ରକ୍ଷା ପାଇଁ ପୂଜାର୍ଚ୍ଚନା

**କୃଷ୍ଣପ୍ରସାଦ/ବୋଲଗଡ଼, ୧୨।୭(ଡି.ଏନ୍.ଏ.)**

ଚଳିତବର୍ଷ କରୋନା ସଂକ୍ରମଣ ପାଇଁ ଶ୍ରୀକ୍ଷେତ୍ର ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରା ବନ୍ଦ ରହିଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ରହିଥିବା ପାରିକୁଦଗଡ଼, ଗୁରୁବାଇ, ଦେଉଳପଡା, ସିଆଳ, ତିତିପରେ କେବଳ ମହାପ୍ରଭୁଙ୍କ ବିଧି ପାଳନ କରାଯାଇଛି। ଏହି ଅବସରରେ ପାରିକୁଦଗଡ଼ରେ କେତେଜଣ କୁନିକୁନି ପିଲା ରଥ ନିର୍ମାଣ କରିଛନ୍ତି। ଏଥିରେ ଜଗନ୍ନାଥଙ୍କୁ ସ୍ଥାପନ କରି ଗାଁ ଦାଣ୍ଡରେ ରଥ ଟାଣିଥିଲେ। ରଥ ଟାଣିବାରେ ସାଇ ଗୋପାଳ ସେନାପତି, ଇତିଶ୍ରୀ ବେହେରା, ସାଇପ୍ରସାଦ ଜେନା, ଶୁଭଶ୍ରୀ ବାରିକ, ଗାର୍ଗୀ ପ୍ରିୟଦର୍ଶିନୀ, ପ୍ରତ୍ୟୁଷା ପାଣିଗ୍ରାହୀ ରଥ ଟାଣିବାରେ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଜଗନ୍ନାଥ ମନ୍ଦିର, ସଂପୁର, ବାଙ୍କୋଇ, ବେଣାଗାଡିଆ, ସାନପଦର, ମାଣିବନ୍ଧ, ଅସରଳା ଆଦିଗ୍ରାମରେ ରହିଥିବା ମନ୍ଦିରରେ ପୂଜକଙ୍କ ଦ୍ୱାରା ବିଧି ଅନୁଯାୟୀ ନୀତି କରାଯାଇ ବିନା ଭକ୍ତରେ ଗୁଣ୍ଡିଚା ଯାତ୍ରା ପାଳନ କରାଯାଇଛି। କେତେଜଣ ଶ୍ରଦ୍ଧାଳୁ ମନ୍ଦିର ବାହାରେ ରହି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକର ଅନେକ ଗ୍ରାମରେ କୁନି ପିଲାମାନେ କୁନି ରଥ ନିର୍ମାଣ କରି ଗାଁଦାଣ୍ଡରେ ଟାଣୁଥିବା ଦେଖିବାକୁ ମିଳିଛି।

## ବୃଷଭ ପ୍ରତିଷ୍ଠା ଉତ୍ସବ

**ନିରାକାରପୁର,୧୨।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତର ଇଷ୍ଟ ଦେବ ଗ୍ରାମେଶ୍ୱର ଦେବଙ୍କ ମନ୍ଦିର ଆଗରେ ବୃଷଭ ସ୍ଥାପନ କରାଯାଇ ଗ୍ରାମବାସୀଙ୍କ ସହଯୋଗରେ ଏହାର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୃଷଭର ଉଚ୍ଚତା ୬ ଫୁଟ, ଗୋଲେଇ ୪ ଫୁଟ ଥିବା ବେଳେ ଲମ୍ବ ୮ ଫୁଟ ରହିଛି। ଏହି ଉତ୍ସବରେ ଗ୍ରାମେଶ୍ୱର ଦେବ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପଲେଇ ଓ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ପିପିଲିରେ ଖୋଲିଲା 'ମାଇ ଇକୋ ଏନର୍ଜି' ତୈଳ କେନ୍ଦ୍ର

**ପିପିଲି,୧୨।୭(ସ୍ୱ.ପ୍ର.)**

ରଥଯାତ୍ରା ଉପଲକ୍ଷେ ଓଡ଼ିଶାରେ ପ୍ରଥମ ଥର ପାଇଁ ପିପିଲିରେ 'ମାଇ ଇକୋ ଏନର୍ଜି' ଇଣ୍ଡିଜେଲ ତୈଳ କେନ୍ଦ୍ର ଖୋଲିଛି। ପ୍ରଦୂଷଣ ମୁକ୍ତ ଏବଂ ସାଧାରଣ ଡିଜେଲଠାରୁ କମ୍ ମୂଲ୍ୟର ଏଠାରେ ଡିଜେଲ ମିଳିବ। ଏହି ତୈଳକେନ୍ଦ୍ର ବାଜପେଇ ଛକରେ ହୋଇଥିବା ବେଳେ ସାମାଜିକ କର୍ମୀ ଗୁଣନିଧି ପ୍ରଧାନ 'ମା ଖେତେଇବୁଢ଼ୀ ଫିଲିଂ ଷ୍ଟେଶନ' ନାମରେ ଖୋଲିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ପରାମର୍ଶଦାତା ଯୁଗ୍ମ ସଚିବ ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ 'ମାଇ ଇକୋ ଏନର୍ଜି'ର ଓଡ଼ିଶା ପୂର୍ବାଞ୍ଚଳ ମ୍ୟାନେଜର ତାପସ ସାହୁ , ପୁଣ୍ୟ ଉତ୍କଳ ଓଡିଶା ସଂଘର ସଭାନେତ୍ରୀ ଉପସନା ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି କେନ୍ଦ୍ରରେ ୯୫ଟଙ୍କାରେ ମିଳିବ ବୋଲି କେନ୍ଦ୍ରର ମୁଖ୍ୟ କହିଛନ୍ତି। ପରେ ଅତିଥିମାନଙ୍କ ଦ୍ୱାରା କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା ।

## ଗ୍ରୀନ୍ ୱାଲ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ ପାଇଁ ଦାବି**





ପରିବେଶବିତ୍ ସୁଶାନ୍ତ ସାହୁ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୧୨।୭ (ଡି.ଏନ୍.ଏ.)**

ଗ୍ରୀନ୍ ୱାଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି। ଏଥିରେ ଲେଖା ରହିଛି, ଟୁ ଦି ଅନରେବଲ୍ ଚିଫ୍ ମିନିଷ୍ଟର ଅଫ୍ ଓଡ଼ିଶା, ଶ୍ରୀ ନବୀନ ପଟ୍ଟନାୟକ। 'ସାଇକ୍ଲୋନ୍ ପ୍ରୋନ୍ ଓଡ଼ିଶା ନିଡ୍‌ସ ଏ ନିୟୁ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ୍ ବିକଜ୍ ଉଇ ୱାଣ୍ଟ ଟୁ କ୍ରିଏଟ ଏ ୱାର୍ଲଡ ହୋୟାର ଦି ଏନ୍‌ଭାଇରମେଣ୍ଟ ଡଜ୍‌ନଟ ନିଡ୍ ପ୍ରୋଟେକ୍‌ସନ। ସେଭ୍ ଟ୍ରିଜ୍ ଫର୍ ଏ ବେଟର ଫିଉଚର'। ଏଥି ସହ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ଛବି। ଏକ ସୁସ୍ଥ ଭବିଷ୍ୟତ ପାଇଁ ବୃକ୍ଷର ସୁରକ୍ଷା ଜରୁରୀ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଶ୍ଚାତ୍ୟ ଦେଶ ସମେତ ଭାରତର ଅନେକ ରାଜ୍ୟ ଏବେ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେଶିନ୍‌କୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ମଧ୍ୟ ୪ ଜୁନ ୨୦୧୯ରେ ଚିଠି ନଂ.ଏନ୍‌ୱାଇଏ ୦୧୫/୧୯ରେ ଚିଠି ଲେଖି ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ହସ୍ତକ୍ଷେପ କରନ୍ତୁ ବୋଲି ପରିବେଶବିତ୍ ସାହୁ ନିବେଦନ କରିଛନ୍ତି।

## ରଥ ଗଢ଼ି ମନକଥା ଜଣାଇଲେ ଶୁଭ୍ରାଂଶୁ

**ଖୋର୍ଦ୍ଧା ଅଫିସ,୧୨।୭**

**୮ ଫୁଟର ନନ୍ଦିଘୋଷ ରଥ**



ଶୁଭ୍ରାଂଶୁ ରଞ୍ଜନ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ରଥ।

ଚଳିତ ବର୍ଷ କରୋନା ସଂକ୍ରମଣ ପାଇଁ ଶ୍ରୀକ୍ଷେତ୍ର ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରା ବନ୍ଦ ରହିଛି। ଶ୍ରୀକ୍ଷେତ୍ରକୁ ଯାଇ ନ ପାରି ଭକ୍ତମାନେ ନିଜ ମନର କଥାକୁ ବିଭିନ୍ନ ଉପାୟରେ ଜଣାଇଛନ୍ତି। କିଏ ରଙ୍ଗତୂଳିରେ ଚକାନୟନକୁ ଆଙ୍କଲାଣି ତ, ଆଉ କିଏ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ କାନଭାସରେ ସଜାଇଛନ୍ତି। ଆଉ କିଏ ଚାଉଳ ଓ ଧାନରେ ମହାପ୍ରଭୁଙ୍କ ରଥ ଗଢ଼ିଛନ୍ତି। ଏହି କ୍ରମରେ ଖୋର୍ଦ୍ଧା ପଲଟନ ପଡିଆର ଦୀପ୍ତିରଞ୍ଜନ ଓ ସ୍ନେହଲତାଙ୍କ ପୁଅ ଶୁଭ୍ରାଂଶୁ ରଞ୍ଜନ ସାହୁ ୮ଫୁଟ ଉଚ୍ଚର ନନ୍ଦିଘୋଷ ରଥ ଗଢ଼ିଛନ୍ତି। ରଥରେ ମହାପ୍ରଭୁ ବିଜେ କରିଛନ୍ତି। ଖୋର୍ଦ୍ଧାର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ଶୁଭ୍ରାଂଶୁ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରିଥାନ୍ତି। ଚଳିତବର୍ଷ ଶ୍ରୀକ୍ଷେତ୍ରରେ ବିନା ଭକ୍ତରେ ରଥଯାତ୍ରା ହୋଇଥିବାରୁ ସେ ଆଉ ମହାପ୍ରଭୁଙ୍କୁ ଦର୍ଶନ କରପାରିବେ ପାହିଁ। ଫଳରେ ସେ ନନ୍ଦିଘୋଷ ରଥ ପ୍ରସ୍ତୁତ କରି ସେଥିରେ ମହାପ୍ରଭୁଙ୍କୁ ବିଜେ କରାଇ ପୂଜାର୍ଚ୍ଚନା ଲାଗି ସ୍ଥିର କରିଥିଲେ। କାର୍ଟୁନ, ଖବରକାଗଜ, ରଙ୍ଗ, ରଙ୍ଗିନ ପେପର, ଆଇସକ୍ରିମ କାଠିକୁ ବ୍ୟବହାର କରି ସେ ଏହି ରଥ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ଏକ ମାସ ସମୟ ଲାଗିଥିଲା। ଶୁଭ୍ରାଂଶୁଙ୍କ ଏଥିପ୍ରତି ଆଗ୍ରହ ଦେଖି ପରିବାର ସଦସ୍ୟମାନେ ତାଙ୍କୁ ଏଥିରେ ସହଯୋଗ କରିଥିଲେ। ସୋସିଆଲ ମିଡିଆରେ ସେ ଏହି ରଥ ନିର୍ମାଣର କଳା ପ୍ରଦର୍ଶନ କରିଛନ୍ତି। ଏହାକୁ ୧୪ହଜାରରୁ ଊର୍ଦ୍ଧ୍ୱ ଲୋକେ ଦେଖିଛନ୍ତି। ଶୁଭ୍ରାଂଶୁଙ୍କ ଏହି ରଥ ଦେଖିବା ଲାଗି ଲୋକଙ୍କ ଭିଡ଼ ଜମିଛି। ମହାପ୍ରଭୁଙ୍କ ପ୍ରତି ରହିଥିବା ଭକ୍ତି ଓ ସମର୍ପଣ ଶୁଭ୍ରାଂଶୁଙ୍କୁ ଏହି ସଫଳତା ମିଳିଛି ବୋଲି ତାଙ୍କ ବାପା ଦୀପ୍ତିରଞ୍ଜନ କହିଛନ୍ତି। ଏ ସମ୍ପର୍କରେ ଶୁଭ୍ରାଂଶୁ କୁହନ୍ତି, ରଥଯାତ୍ରାରେ ପରିବାର ସହ ଶ୍ରୀକ୍ଷେତ୍ରକୁ ଯାଇଥାଏ। ରଥାରୂଢ ଠାକୁର, ଆଡ଼ପ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। କରୋନା କଟକଣା ଯୋଗୁ ଲୋକେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ସମସ୍ତଙ୍କ ଆଶା ମଉଳି ନ ଯାଉ, ରଥରେ ମହାପ୍ରଭୁଙ୍କୁ ସମସ୍ତଙ୍କୁ ଦର୍ଶନ କରିବାର ଲକ୍ଷ୍ୟ ନେଇ ଏହି ରଥ ପ୍ରସ୍ତୁତ କରଛି। ଆଗକୁ ଜଗନ୍ନାଥଙ୍କ ବିଭିନ୍ନ ବେଶ ଚିତ୍ର ଅଙ୍କନ କରିବାର ଯୋଜନା ରଖିଛି। ଏଥିଲାଗି ସେ ସବୁ ସମୟରେ ମହାପ୍ରଭୁଙ୍କ ଆଶୀର୍ବାଦକୁ ଅନୁଭବ କରିଥିବା ସେ କହିଛନ୍ତି।

# ବିନା ଭକ୍ତରେ ନୀତି ସମ୍ପନ୍ନ

**ଖୋର୍ଦ୍ଧା ଅଫିସ,୧୨।୭**

ଚଳିତବର୍ଷ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରା ବନ୍ଦ ରହିଛି। କୋଭିଡ୍ କଟକଣା ପାଇଁ କେବଳ ବିଧି ପାଳନ କରାଯାଇଛି। ଏହିକ୍ରମରେ ଖୋର୍ଦ୍ଧାର ଜାଗୁଲାଇପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ, ଦଧିମାଛଗାଡ଼ିଆର ଦାରୁକ୍ଷେତ୍ରରେ ଶ୍ରୀ ପତିତପାବନଙ୍କ ରଥଯାତ୍ରା ସୋମବାର ବିଧି ଅନୁଯାୟୀ ନୀତି ସମ୍ପନ୍ନ କରାଯାଇଛି। କେବଳ ମନ୍ଦିର ସେବାୟତ, କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ହେବ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ପୀଠରେ ରଥଯାତ୍ରା ବନ୍ଦ ରହିଛି। କେବଳ ବିଧି ପାଳନ କରାଯାଉଛି। ଭୋରରୁ ଦ୍ୱାରଫିଟା, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ ଆଦି ନୀତି ପରେ ଚତୁର୍ଦ୍ଧାବିଗ୍ରହଙ୍କ ବେଶ ଶେଷ ହୋଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ) ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉମାନଙ୍କ ବେଶ ପରେ ଟାହିଆ ଲାଗି ହୋଇଥିଲା। ପରେ ଗୁଣ୍ଡିଚା ମନ୍ଦିରକୁ ଠାକୁରଙ୍କୁ ବିଜେ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହଙ୍କ ମଙ୍ଗଳାର୍ପଣ ପରେ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଧରି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ, ଅନ୍ୟ ପୂଜକଙ୍କ ସହିତ ମନ୍ଦିର ପରିଚାଳନା କମିଟି ସଦସ୍ୟ ଗୁଣ୍ଡିଚା ମନ୍ଦିରରେ ବିଜେ କରିଥିଲେ। ସେଠାରେ ଆଜ୍ଞା ମାଳର ମଙ୍ଗଳଆଳତି କରାଯାଇଥିଲା। ଅନ୍ୟପଟେ ନବଦିନାତ୍ମକ ସମସ୍ତ ନୀତିକାନ୍ତି ସ୍ୱ ମନ୍ଦିରରେ ସମ୍ପନ୍ନ କରାଯିବ। ବାହୁଡାରେ ବାହୁଡା ନୀତି ସମ୍ପନ୍ନ କରାଯିବ ବୋଲି ମୁଖ୍ୟ ପୂଜକ କମଳଲୋଚନ ମହାରାଜ କହିଛନ୍ତି। ସେହିପରି ଦଧିମାଛଗାଡିଆ ଦାରୁକ୍ଷେତ୍ରରେ ଶ୍ରୀ ପତିତପାବନଙ୍କ ରଥଯାତ୍ରା ବନ୍ଦ ରହିଥିବା ବେଳେ କେବଳ ମନ୍ଦିର ପରିସରରେ ବିଧି ରକ୍ଷା ଲାଗି ନୀତି ସମ୍ପନ୍ନ କରାଯାଇଛି। ଭୋରରୁ ମଙ୍ଗଳଆଳତି, ମଇଲମ, ଅବକାଶ ନୀତି ପରେ ମଧାହ୍ନ ଧୂପରେ ଠାକୁରଙ୍କ ଖେଚୁଡି ଭୋଗ ଅର୍ପଣ ହୋଇଥିଲା। ପରେ ପରମ୍ପରା ଅନୁଯାୟୀ ମନ୍ଦିର ପରିସରରେ ରହିଥିବା ରଥ ପ୍ରତିଷ୍ଠା କରାଯାଇଥିଲା। ଅପରାହ୍ନ ୪ଟାରେ ପତିତପାବନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଅଣସର ପିଣ୍ଡିରୁ ଠାକୁରଙ୍କୁ ମନ୍ଦିର ସେବାୟତମାନେ ପହଣ୍ଡି କରାଇ ରଥରେ ବିଜେ କରିଥିଲେ। ଦାରୁକ୍ଷେତ୍ରର ଦାରୁରକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ରଥରେ ଛେରାପହଁରା କରିଥିଲେ। ରାତି ୮ଟାରେ ମନ୍ଦିର ପରିସରରେ ଅସ୍ଥାୟୀ ଭାବେ ନିର୍ମିତ ଆଡ଼ପ ମଣ୍ଡପକୁ ଠାକୁର ବିଜେ କରିଥିଲେ। ଠାକୁରଙ୍କ ନବାଦିନାତ୍ମକ ନୀତି ସମ୍ପନ୍ନ କରାଯିବ। ବାହୁଡାରେ ବାହୁଡା ବିଜେ ନୀତି ସମ୍ପନ୍ନ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁଲାଇ, ୨୦୨୧

**ମନ୍ଦିର ଭିତରେ ରଥଯାତ୍ରା ନୀତିକାନ୍ତି**

ପିପିଲି,(ଡି.ଏନ୍.ଏ.)- କରୋନା କଟକଣା ଯୋଗୁଁ ପିପିଲି ଦର୍ଜି ସାହିସ୍ଥିତ ଶ୍ରୀଶ୍ରୀ ପତିତପାବନଙ୍କ ମନ୍ଦିର ଭିତରେ ରଥଯାତ୍ରାର ନୀତିକାନ୍ତି କରାଯାଇଥିଲା। ପ୍ରାତଃ ସମୟରେ ମଇଲମ, ଅବକାଶ ପରେ ସ୍ନାନ କରାଯାଇ ବାଲ ଭୋଗ, ଖେଚୁଡ଼ି ଭୋଗ ହୋଇଥିଲା। ପରେ ମନ୍ଦିର ପରିସରରେ ସ୍ନାନମଣ୍ଡପକୁ ଠାକୁରଙ୍କୁ ପହଣ୍ଡି ବିଜେ କରି ଅଣାଯାଇଥିଲା। ରଥ ପ୍ରତିଷ୍ଠା, ଛେରାପହଁରା କାର୍ଯ୍ୟ ଶେଷ ହେବା ପରେ ପୋଡ଼ପିଠା ଭୋଗ କରାଯାଇ ଅସ୍ଥାୟୀ ମାଉସୀ ମା'ଙ୍କ ମନ୍ଦିରକୁ ଠାକୁରଙ୍କୁ ବିଜେ କରାଯାଇଥିଲା। ଠାକୁରଙ୍କ ସମସ୍ତ ନୀତିକାର୍ଯ୍ୟ ମନ୍ଦିର ପୂଜକ ଲକ୍ଷ୍ମୀଧର ପଣ୍ଡା କରିଥିବାବେଳେ ମନ୍ଦିର ପରିଚାଳନା କମିଟି, ରଥ ପରିଚାଳନା କମିଟି, ସେବାୟତ, ଦଇତାପତି ସହଯୋଗ କରିଥିଲେ।




ରଥ ସମ୍ମୁଖରେ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।


ଭୈରବାନନ୍ଦ ସରସ୍ୱତୀ ମହାରାଜ ଆଣିଥିବା ୧୦ ଫୁଟର ଧୂପକାଠି।


ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏସ୍‌ପି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।


ରଥଯାତ୍ରାରେ ଜଣେ କୁନି ସେବାୟତ ।


ବଡଦାଣ୍ଡରେ ପୋଲିସ ଡିଜି ଅଭୟ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୨।୦୭।୨୦୨୧

୩୬୫୦ ଟଙ୍କା

**ସଂକ୍ଷେପରେ**

## ଟାହିଆ ଛଡ଼ାଇ ନେଲେ ସେବାୟତ

ପୁରୀ ଅଫିସ,୧୨।୭: ଘୋଷଯାତ୍ରାରେ ମୁଖ୍ୟ ଆକର୍ଷଣ ସାଜିଥାଏ ଶ୍ରୀବିଗ୍ରହମାନଙ୍କ ଟାହିଆ। ଶ୍ରୀବିଗ୍ରହମାନେ ରଥକୁ ଆସିବା, ରଥରୁ ଶ୍ରୀମନ୍ଦିର ଓ ଆଡପ ମଣ୍ଡପକୁ ବିଜେ ସମୟରେ ମସ୍ତକରେ ସୁସଜ୍ଜିତ ଟାହିଆ ପରିଧାନ କରି ପହଣ୍ଡି ହୋଇଥାନ୍ତି। ଶ୍ରୀବିଗ୍ରହମାନେ ରଥ ଉପରକୁ ବିଜେ ପରେ ରଥରେ ରୁନ୍ଧା ହେବା ପୂର୍ବରୁ ସେବାୟତମାନେ ଟାହିଆକୁ ସୁରକ୍ଷିତ ଭାବରେ ମହାପ୍ରଭୁଙ୍କ ମସ୍ତକରୁ କାଢି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥାନ୍ତି। ତେବେ ଚଳିତ ବର୍ଷ ଶ୍ରୀବିଗ୍ରହମାନେ ରଥ ଉପରକୁ ଉଠିବା ପରେ ସେବାୟତମାନେ ଟାହିଆ ଛଡ଼ାଇ ନେଇଥିବା ଦେଖିବାକୁ ମିଳିଥିଲା।

## ଓଜେଇଇ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୨।୭(ବ୍ୟୁରୋ) - ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୧ ପାଇଁ ପୁଣି ଆବେଦନ ସମୟ ବୃଦ୍ଧି କରାଯାଇଛି। ୨୬ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏଥିପାଇଁ ୨୮ ତାରିଖ ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଫି' ଦାଖଲ କରିବାକୁ ପଡ଼ିବ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏକାଧିକ ଥର ଆବେଦନ ସମୟକୁ ବୃଦ୍ଧି କରାଯାଇଛି। କିନ୍ତୁ ଏଣିକି ଆବେଦନ ଅବଧ ଆଉ ବଢ଼ିବ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

## ଘର ଆଜବେଷ୍ଟସ ଭାଙ୍ଗିଦେଲେ ପଡ଼ୋଶୀ

ସାକ୍ଷୀଗୋପାଳ,୧୨।୭(ଡି.ଏନ୍.ଏ.)- ପୂର୍ବ ବିବାଦକୁ କେନ୍ଦ୍ରକରି ସୋମବାର ସକାଳେ ସତ୍ୟବାଦୀ ଥାନା ଅଧୀନ ବଡ଼ଭୀମଦାସପୁର ଗ୍ରାମରେ ସୁବାସ ଚନ୍ଦ୍ର ବରାଳଙ୍କ ଘର ଆଜବେଷ୍ଟସ ପଡୋଶୀ ମାନ ଗୋବିନ୍ଦ ବରାଳ ଓ ଅନ୍ୟମାନେ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୁବାସଙ୍କର ୫ ବଖରା ପୁରୁଣା ଆଟୁଘର ଉପରେ ଆଜବେଷ୍ଟସ, ଛପର ରହିଛି। ମାତ୍ର ଘର ସୀମାକୁ ନେଇ ପଡ଼ୋଶୀ ସହ ବିବାଦରୁ ମାମଲା ପୁରୀ ଅଦଲତରେ ବିଚାର ଚାଲିଛି। ଉକ୍ତ ମାମଲାରେ ଅଦାଲତଙ୍କ ସ୍ଥାୟୀ ନିଷେଧାଦେଶ ରହିଥିବା ବେଳେ ପଡ଼ୋଶୀମାନେ ଘରର ଆଜବେଷ୍ଟସ ହାତୁଡ଼ି ଓ ପିଟଣାରେ ବାଡ଼େଇ ଭାଙ୍ଗିଦେଇଛନ୍ତି। ଏହାକୁ ସୁବାସ ବିରୋଧ କରିବାରୁ ଧକ୍କା ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବ୍ରହ୍ମଗିରି,୧୨।୭(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅମୂଲ୍ୟ କୁମାର ଷଣ (୩୭)। ସୂଚନା ଅନୁଯାୟୀ, ଅମୂଲ୍ୟ ନିଜ ଘରେ ବିଦ୍ୟୁତ କାମ କରୁଥିବା ସମୟରେ ହଠାତ୍ କରେଣ୍ଟ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପୁରୀ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏ ନେଇ ତାଙ୍କ ବଡ଼ଭାଇ ଜଳନ୍ଧର ଷଣ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଭାବାବେଗ ରୋକିପାରିଲେନି ଭକ୍ତ

- ଘରୁ ବାହାରି ଦର୍ଶନ କଲେ, କଟକଣା ମାନିଲେନି
- ଫେସବୁକ୍‌ରେ ଲାଇଭ୍, ଫଟୋ ପୋଷ୍ଟ କଲେ
- ପ୍ରଶାସନ ନୀରବଦ୍ରଷ୍ଟା, ପାତରଅନ୍ତର ଅଭିଯୋଗ

ପୁରୀ ଅଫିସ,୧୨।୭:

ଲୋକେ ଘରୁ ବାହାରିବେ ନାହିଁ କି ଛାତ ଉପରକୁ ଯିବେ ନାହିଁ। ରଥଯାତ୍ରା ଦର୍ଶନ ନେଇ ପ୍ରଶାସନର ଏଭଳି କଟକଣା ରହିଥିଲା। ମାତ୍ର ଏହାକୁ ମାନିନାହାନ୍ତି ଭକ୍ତ। ଭାବଗ୍ରାହୀଙ୍କ ଭାବରେ ବିହ୍ୱଳ ହୋଇ ରଥଯାତ୍ରା ଦେଖିବା ଲାଗି ଘରୁ ବାହାରି ଆସିଛନ୍ତି। କେଉଁଠି ଛାତ ଉପରେ ତ ଆଉ କେଉଁଠି ପ୍ରଶାସନ କରିଥିବା ବ୍ୟାରିକେଡ୍ ପାଖରେ ଠିଆ ହୋଇ ଭକ୍ତ ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିଛନ୍ତି। ପୋଲିସ ଉପସ୍ଥିତ ଥିଲେ ମଧ ତାହାକୁ ଭ୍ରୁକ୍ଷେପ କରିନାହାନ୍ତି। ତେବେ ଶୃଙ୍ଖଳିତ ଭାବେ ଦୂରରୁ ରଥ ଦର୍ଶନ କରି ମହାପ୍ରଭୁଙ୍କୁ ଉଦ୍ଦେଶ୍ୟରେ ପ୍ରଣିପାତ ଜଣାଇଛନ୍ତି। ବଡ଼ଦାଣ୍ଡରେ ଥିବା ଲଜ୍‌ଗୁଡ଼ିକର ବାଲକୋନିରେ ଲୋକେ ଠିଆ ହୋଇ ରଥଟଣା ଦେଖିବାର ଦୃଶ୍ୟ ପ୍ରଶାସନର କଟକଣାକୁ କଟାକ୍ଷ କରିବା ଭଳି ମନେ ହୋଇଥିଲା। ସାଧାରଣ ଲୋକଙ୍କୁ କବାଟ ବନ୍ଦ କରି ରହିବାକୁ


ବ୍ୟାରିକେଡ ନିକଟରେ ଲୋକେ ଠିଆହୋଇ ରଥ ଦର୍ଶନ କରୁଛନ୍ତି ।

ପରାମର୍ଶ ଦେଇଥିବା ପ୍ରଶାସନ କିପରି ଲଜ୍ ଖାଲି କରିବାରେ ସମର୍ଥନ ହୋଇପାରିଲା ନାହିଁ ତାହା ବୁଝାପଡୁ ନାହିଁ। ଯଦି ଏହା ହିଁ କରିବାର ଥିଲା, ତେବେ ପୁରୀ ସହରର ବଡ଼ଦାଣ୍ଡରେ ରହୁଥିବା ଲୋକଙ୍କୁ ରଥଯାତ୍ରା ଦେଖିବା ପାଇଁ ଅନୁମତି ଦେବାରେ କ'ଣ ସମସ୍ୟା ଥିଲା ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ୍ ମହାନ୍ତି ପ୍ରଶ୍ନ କରିଛନ୍ତି। ତା'ଛଡ଼ା ଯେଉଁମାନେ ପ୍ରଶାସନର କଟକଣା ମାନି ଘରେ ରହିଲେ ସେମାନେ ଭୁଲ କରିଥିବା ଭଳି ଅନୁଭବ କରୁଛନ୍ତି ବୋଲି ସେ କହିଛନ୍ତି। ତେବେ ପ୍ରଶାସନ ଉପରେ ସହରବାସୀଙ୍କ ଆରୋପ ଏତିକିରେ ସୀମିତ ହୋଇ ରହିନାହିଁ। ରଥଯାତ୍ରାରେ ଅନେକ ଅଣସେବାୟତ ସାମିଲ ହୋଇଛନ୍ତି ଓ ସାମାଜିକ ଗଣମାଧ୍ୟମରେ କେତେଜଣ ବ୍ୟକ୍ତି ସିଧା ପ୍ରସାରଣ କରିଛନ୍ତି ବୋଲି ଅଭିଯୋଗ ଉଠିଛି। ଏଭଳି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥଶର୍ମା ଦାବି କରିଛନ୍ତି। ଅନଧିକାର ପ୍ରବେଶକାରୀମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେହିଭଳି ଆଇନଜୀବୀ ଚିନ୍ମୟ ଦାସ ମଧ ଦାବି କରିଛନ୍ତି। ଏପରି କି, ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ବଳୟ ଆଳରେ ସେବାୟତ ବେଶରେ କେତେଜଣ ବ୍ୟକ୍ତି ରଥ ନିକଟରେ ପହଞ୍ଚିଥିଲେ ବୋଲି ଚର୍ଚ୍ଚା ଚାଲିଛି। ପ୍ରଶାସନର ଏଭଳି ପାତରଅନ୍ତର ନୀତିକୁ ଅନେକେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଶୃଙ୍ଖଳିତ ଭାବେ ରଥଯାତ୍ରା ସମ୍ପନ୍ନ ହୋଇଥିବା କହି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ପୁରୀବାସୀଙ୍କ ସମେତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୁଖ୍ୟ ପ୍ରଶାସକ, ଜିଲାପାଳ ଗାଇଲେ ଗୀତଗୋବିନ୍ଦ

ପୁରୀ ଅଫିସ, ୧୨।୭:

ଚଳିତ ବର୍ଷ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ରଥଯାତ୍ରାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଜିଲାପାଳ ସମର୍ଥ ବର୍ମା ସେବାୟତଙ୍କ ସହ ଠିଆ ହୋଇ ଭକ୍ତିପୂତ ଭାବେ ଭଜନ ଜଣାଣ କରିବା ସହ ଗୀତଗୋବିନ୍ଦ ଗାନ କରୁଥିବା ଦେଖିବାକୁ ମିଳିଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ତାଳଧ୍ୱଜ ରଥ ଓ ଦେବ ଦଳନ ରଥ ପହଞ୍ଚି ସାରିବା ପରେ ନନ୍ଦିଘୋଷ ରଥ ପହଞ୍ଚିବାକୁ କିଛିକ୍ଷଣ ବାକିଥିବା ବେଳେ ସେବାୟତମାନେ ଆତ୍ମବିଭୋର ହୋଇ ଭଜନ ଓ ଗୀତଗୋବିନ୍ଦ ଗାନ କରିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବିଧାୟକ ସୁରେଶ ରାଉତରାୟ

ପୁରୀ ଅଫିସ, ୧୨।୭:

କଟକଣାକୁ ଅଣଦେଖା କରି କଂଗ୍ରେସ ନେତ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ ସୋମବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସାଧାରଣ ଲୋକ ଏପରି କି ପୁରୀବାସୀଙ୍କୁ ବଡଦାଣ୍ଡ ଓ ରଥ ଦର୍ଶନ ମନା ଥିବାବେଳେ ବିଧାୟକ ରାଉତରାୟ କିପରି ମହାପ୍ରଭୁଙ୍କ ଦର୍ଶନ କଲେ ତାଙ୍କୁ କିଏ ପୁରୀ ସହରରେ ପ୍ରବେଶ କରିବା ପାଇଁ ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ରଥଯାତ୍ରା ପୂର୍ବରୁ ସେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ସୂଚନା ଦେଇଥିଲେ। କରୋନା ଆଳ ଦେଖାଇ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯେଉଁ ପାଚେରୀ ସୃଷ୍ଟି କରୁଛନ୍ତି ତାହାକୁ ସେ ସମାଲୋଚନା କରିଥିଲେ। ଅପରପକ୍ଷରେ ମହାପ୍ରଭୁଙ୍କ ନୀତିକାନ୍ତି ସଅଳ ସରିଥିବାରୁ ସେ ସମସ୍ତ ସେବାୟତ, ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।


ପୁରୀ ବେଳାଭୂମିରେ ସସ୍ମିତା ଓ ନନ୍ଦିତା ପଟ୍ଟନାୟକଙ୍କ ଦ୍ୱାରା କାର୍ଡବୋର୍ଡରେ ପ୍ରସ୍ତୁତ ରଥ ।

## କରୋନାମୁକ୍ତ ବିଶ୍ୱ ପାଇଁ ପ୍ରାର୍ଥନା କଲେ ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ,୧୧।୭:

କରୋନାମୁକ୍ତ ବିଶ୍ୱ ପାଇଁ ମହାପ୍ରଭୁଙ୍କ ନିକଟରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପ୍ରାର୍ଥନା କରିଛନ୍ତି। ରଥାରୂଢ଼ ଦାରୁଦିଅଁଙ୍କୁ ଦର୍ଶନ କରି ଫେରିବା ଅବସରରେ ଜଗଦ୍‌ଗୁରୁ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବିଶ୍ୱ ମହାମାରୀ କରୋନାରୁ ମୁକ୍ତ ହେଉ ବୋଲି ପ୍ରାର୍ଥନା କରିଛି। ସେହିପରି ସନାତନ ଧର୍ମ ଆଧାରରେ ବିଶ୍ୱ ବିକାଶର ପରିଭାଷାକୁ କ୍ରିୟାନ୍ୱିତ କରିବା ପାଇଁ ଶାସନତନ୍ତ୍ରକୁ ଗୁରୁତ୍ୱ ଦିଆଯାଉ ବୋଲି ସେ ପ୍ରକାଶ କରିଛନ୍ତି।

## ଚର୍ଚ୍ଚାରେ ବାହୁବଳୀ ସେବାୟତ

ପୁରୀ ଅଫିସ,୧୨।୭:

ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଗତବର୍ଷ ଭଳି ଏଥର ବି କରୋନା କଟକଣା କାରଣରୁ ବିନା ଭକ୍ତରେ କେବଳ ସେବାୟତମାନେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ସୁରକ୍ଷା ସେବକ ଭାବେ ପରିଚିତ ବାହୁବଳୀ ସେବାୟତ ଅନିଲ ଗୋଛିକାରଙ୍କ ଉପରେ ସମସ୍ତଙ୍କ ନଜର ପଡ଼ିଥିଲା। ଅନିଲଙ୍କ ଶାରୀରିକ ଗଠନ ଦୃଷ୍ଟିରୁ ତାଙ୍କୁ ଅନ୍ୟ ସେବକମାନେ ବାହୁବଳୀ ସେବକ ବୋଲି ଡାକିଥାନ୍ତି। ଅନିଲ ମିଷ୍ଟର ଓଡ଼ିଶା ଏବଂ ମିଷ୍ଟର ଇଣ୍ଡିଆ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି। ସେ ଶାକାହାରୀ। କିଛି ବର୍ଷ ହେବ ଅନିଲ ମହାପ୍ରଭୁଙ୍କ ରଥ ଟାଣିବା ସମୟରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ଚଳିତବର୍ଷ ମଧ୍ୟ ମହାପ୍ରଭୁଙ୍କ ରଥଟାଣି ସେ ଖୁବ୍ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ, ମୋ ଗୁହାଳ ଯୋଜନାରେ ଦୁର୍ନୀତି

କାକଟପୁର,୧୨।୭(ଡି.ଏନ୍.ଏ.)

କାକଟପୁର ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା ଓ ମୋ ଗୁହାଳ ଯୋଜନାରେ ହିତାଧିକାରୀ ଚୟନରେ ଦୁର୍ନୀତି ହୋଇଥିବାର ଭାଜପା ଓ କଂଗ୍ରେସ ଦଳ ଅଭିଯୋଗ କରିଛନ୍ତି। ସରକାରୀ ନୀତି ନିୟମକୁ ଉପେକ୍ଷା କରି ପ୍ରଶାସନ ଶାସକ ଦଳର ରାଜନୈତିକ ବ୍ୟକ୍ତିଙ୍କ ପ୍ରରୋଚନାରେ ଅଯୋଗ୍ୟମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ୨୦୧୯ରେ ଯେଉଁ ଜିଓ ଟ୍ୟାଗ ଓ ଘର ସର୍ବେକ୍ଷଣ କରାଯାଇଛି ତାହା ରାଜନୈତିକ ଉଦ୍ଦେଶ୍ୟରେ କରାଯାଇଥିବା, ପରବର୍ତ୍ତୀ ସମୟରେ ୨୦୨୦ ଫେବୃୟାରୀରେ ଆବେଦନ/ଅଭିଯୋଗପତ୍ରଗୁଡ଼ିକୁ ଖୋଲି ସମୀକ୍ଷା ନ କରି ପୁରୁଣା ତ୍ରୁଟିପୂର୍ଣ୍ଣ ତାଲିକାରେ କାର୍ଯ୍ୟାଦେଶ ଦିଆଯାଉଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ହିତାଧିକାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ ସାରିଥିଲେ ମଧ ସରକାରଙ୍କ ପ୍ରୋତ୍ସାହନ ରାଶି ସେମାନଙ୍କୁ ଦିଆ ନ ଯାଇ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ମୋ ଗୁହାଳ ହିତାଧିକାରୀ ଚୟନ ପାଇଁ ଅତିକମରେ ୬ଟି ଗାଈ ପାଳକକୁ ଚୟନ କରିବାକୁ ସରକାରୀ ଗାଇଡ୍ ଲାଇନ ଥିବାବେଳେ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ପାତରଅନ୍ତର କରାଯାଉଛି। ଅଯୋଗ୍ୟ ହିତାଧିକାରୀମାନେ ଗୃହ ନେଇ ରୋଷଘର କିମ୍ବା ଜାଳଘର କରୁଥିବା ଅଭିଯୋଗ ହୋଇଛି। ଏଥିସହ ଏହି ଯୋଜନା ପାଇଁ ପୂର୍ବରୁ ଥିବା ଅଟକଳ ୧ଲକ୍ଷ ୧୩ହଜାର ଟଙ୍କାକୁ ହାତେଇବା ପାଇଁ ପୁରୁଣା ଇଟା ଓ ପୁରୁଣା ଆଜବେଷ୍ଟସ ବ୍ୟବହାର କରାଯାଇଛି। ଏଭଳି ଅଭିଯୋଗ ପ୍ରତି ଉପରିସ୍ଥ ଅଧିକାରୀମାନେ ଆନ୍ତରିକତା ନ ଦେଖାଇବାରୁ କେତେଜଣ ଅସାମାଜିକ ବ୍ୟକ୍ତି ଅସାଧୁ ଉପାୟରେ ଯୋଜନା ସବୁ ହାତେଇବାରେ ଲାଗିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବା ସହ ଉଚିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କାକଟପୁରର ଭାଜପା ଓ କଂଗ୍ରେସ ଦଳର ନେତାମାନେ ଦାବି କରିଛନ୍ତି।

## ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଛାଡ଼ି କଟକଣା ଉଠାଇଲା ପ୍ରଶାସନ

ପୁରୀ ଅଫିସ,୧୨।୭:

ରଥଯାତ୍ରା ପାଇଁ ୧୩ ତାରିଖ ରାତ୍ର ୮ଟା ପର୍ଯ୍ୟନ୍ତ ପୂର୍ବରୁ ଜାରି କରାଯାଇଥିବା କଟକଣାକୁ ପ୍ରଶାସନ ପ୍ରତ୍ୟାହାର କରିନେଇଛି। ମାତ୍ର କୁମ୍ଭାରପଡ଼ା ସାହିର ମିଶ୍ର ଲେନ୍ ଦେଇ ବଡଶଙ୍ଖରୁ ବାନାମ୍ବର ଛକ, ପୁରୁଣା ନବକଳେବର ରୋଡ୍ ଦେଇ ବାନାମ୍ବର ଛକଠାରୁ ମାଟିଆପଡ଼ା ଛକ, ମାଟିଆପଡ଼ା ଛକଠାରୁ ଆଶୁତୋଷ ମଠ ଛକ ଓ ସେଠାରୁ ନୀଳକଣ୍ଠ ମନ୍ଦିର ଛକ, ନୀଳକଣ୍ଠ ମନ୍ଦିର ଛକଠାରୁ ବଡଶଙ୍ଖ ପର୍ଯ୍ୟନ୍ତ ଏହି କଟକଣା ଆସନ୍ତା ୧୪ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଶ୍ରୀଜିଉଙ୍କର ଆଡ଼ପ ମଣ୍ଡପ ବିଜେ ପହଣ୍ଡି ନିମନ୍ତେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କଟକଣାଯୁକ୍ତ ଅଞ୍ଚଳରେ ସମସ୍ତ ଦୋକାନ, କାର୍ଯ୍ୟାଳୟ ବନ୍ଦ ରହିବ। ସାଧାରଣ ଲୋକଙ୍କ ଚଳପ୍ରଚଳ ଉପରେ କଟକଣା ଜାରି କରାଯାଇଛି। କେବଳ ସ୍ୱୀକୃତିପ୍ରାପ୍ତ ଓ ଅତ୍ୟାବଶ୍ୟକ ସାମଗ୍ରୀ ବହନ କରୁଥିବା ଗାଡ଼ିକୁ ଅନୁମତି ରହିଛି।

## ଦାଶିଆ ପୀଠରେ ମହାପ୍ରଭୁଙ୍କ ତୁଳସୀ ବେଶ



ପିପିଲି,୧୨।୭(ଡି.ଏନ୍.ଏ.)

ରଥଯାତ୍ରା ଅବସରରେ ପିପିଲିସ୍ଥିତ ଦାଶିଆ ପୀଠରେ ଶ୍ରୀଜଗନ୍ନାଥଙ୍କ ପ୍ରାତଃକାଳରେ ବୈଦିକ ନୀତି ସହ ପାର୍ଶ୍ୱ ଦେବଦେବୀଙ୍କ ନୀତିକାନ୍ତି ପୀଠସ୍ଥ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ ଓ ସହାୟକ ପୂଜକ ମାନସରାମ ମିଶ୍ରଙ୍କ ଦ୍ୱାରା ସମାପିତ ହୋଇ ସମାଧି ନିକଟରେ ଦେବ, ଗୀତା ଓ ଭାଗବତ ପାଠ କରାଯାଇଥିଲା। ପରେ ଠାକୁରଙ୍କ ସମସ୍ତ ନୀତିକାନ୍ତି କରାଯାଇ ପୂର୍ବାହ୍ନ ୧୦ଟାରେ ଏକ ସ୍ୱତନ୍ତ୍ର ବିମାନକୁ ସୁସଜ୍ଜିତ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ଠାକୁରଙ୍କ ସ୍ୱତନ୍ତ୍ର ତୁଳସୀ ବେଶ ଓ ପଦ୍ମଫୁଲ ସହ ନାନା ସୁଗନ୍ଧିତ ପୁଷ୍ପରେ ବିମଣ୍ଡିତ କରାଯାଇଥିଲା। ପରେ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ମଧାହ୍ନରେ ଠାକୁରଙ୍କ ଧୂପ କରାଯାଇ ପ୍ରସାଦ ବଣ୍ଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଯୋଗେନ୍ଦ୍ର ସାହୁ, ଚନ୍ଦ୍ରଶେଖର ସ୍ୱାଇଁ, ସାଗରବଳ ସାଧୁ ଦାସ, ଲକ୍ଷ୍ମୀଧର ଲେଙ୍କା, କୃଷ୍ଣଚନ୍ଦ୍ର ରାଉତ, ସୁରେନ୍ଦ୍ର ସ୍ୱାଇଁ, ରାଜନ ଛାଟୋଇ ସଂକୀର୍ତ୍ତନ କରିଥିଲେ। ଡା.ନରେନ୍ଦ୍ର ନାଥ ସାହୁ, ଡ.ଚିତ୍ତରଞ୍ଜନ ମିଶ୍ର, ଲାବଣ୍ୟ ଶବର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ରାଉତରାୟ, ଚିତ୍ତରଞ୍ଜନ ସେନାପତି, ସରୋଜ ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ସମ୍ପାଦକ ଡ.ଘନଶ୍ୟାମ ସ୍ୱାଇଁ ସଂଯୋଜନା କରିଥିଲେ।

# ଖବରଦାତାଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର

- ଥାନା ସମେତ ଏସ୍‌ଡିପିଓଙ୍କୁ ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ଦାବି କଲା ସାମ୍ବାଦିକ ସଂଘ

ଗୋପ,୧୨।୭(ଡି.ଏନ୍.ଏ.)

ଜଣେ କାର୍ଯ୍ୟରତ ବୈଦ୍ୟୁତିକ ଖବରଦାତାଙ୍କୁ ଗୋପ ଥାନାଧିକାରୀ ଦୁର୍ବ୍ୟବହାର କରିଥିବା ସୋମବାର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ପୁରୀ ଜିଲା ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସୋମବାର ଗୋପ ଆଖଣ୍ଡଳେଶ୍ୱର ଶୈବ ପୀଠରେ ବିଭିନ୍ନ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଏକ ବୈଠକ କରି ଘଟଣାକୁ ନିନ୍ଦା କରିଥିଲେ। ସମସ୍ତ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ଅନୁସାରେ ଏକ ଶୋଭାଯାତ୍ରା ବାହାରି ଗୋପ ଥାନାରେ ପହଞ୍ଚି ସମ୍ପୃକ୍ତ ଥାନାଧିକାରୀଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ଏଥିସହ ଏକ ଏତଲା କପି ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ଦିଆଯାଇଛି। ଯଦି ଅଧିକାରୀଙ୍କ ବିରୋଧରେ ୨ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଶତାଧିକ ଖବରଦାତା ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୭ ତାରିଖ ଦିନ ଏହି ଥାନା ଅଧିନ ସୁବର୍ଣ୍ଣପୁର ନିକଟସ୍ଥ ଏକ ଗାଁରେ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣା ଘଟିଥିଲା। ଏହି ଘଟଣାରେ ଥାନାଧିକାରୀଙ୍କ ଏକ ମନ୍ତବ୍ୟ ଭାଇରାଲ ହୋଇଥିଲା। ଏହି ଭାଇରାଲ ଘଟଣା ସମ୍ପର୍କରେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ପରେ ଥାନାଧିକାରୀ ରାଗରେ ବିଳମ୍ବିତ ରାତିରେ ଉକ୍ତ ଗଣମାଧ୍ୟମର ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କୁ ଦୁର୍ବ୍ୟବହାର କରିଥିଲେ। ଥାନାଧିକାରୀଙ୍କ ଏଭଳି ମନ୍ତବ୍ୟକୁ ନେଇ ୧୦ ତାରିଖରେ ପୁଣି ଟିଭିରେ ପ୍ରସାରିତ ହୋଇଥିଲା। ପରେ ଗୋପ ଅଞ୍ଚଳର ଅନ୍ୟ ଖବରଦାତାମାନେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣାକୁ ନିନ୍ଦା କରିବା ସହ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶତାଧିକ ଖବରଦାତାଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ଥାନାଧିକାରୀଙ୍କ ନିଲମ୍ବିତ ପାଇଁ ଦାବି କରିଥିଲେ। ଏଥିରେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଖବରଦାତା ଅକ୍ଷୟ ନାୟକ, ମଧୁ ପତି, ଅରୁଣ ରାଉତ, ରାଜକିଶୋର ଦାସ, ଶରତ ସେନାପତି, ଆଦିତ୍ୟ ରାଉତ, ମିଳନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏ ନେଇ ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଘଟଣା ବିଷୟରେ କୌଣସି ମନ୍ତବ୍ୟ ଦେଇ ନ ଥିବାବେଳେ ଯଦି ଅଭିଯୋଗ ହୋଇଛି, ତେବେ ଉଚ୍ଚପଦସ୍ଥ ଅଧିକାରୀମାନେ ତଦନ୍ତ କରି ଯାହା ସତ୍ୟ ଲୋକଲୋଚନକୁ ଆସିବ, ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



ଖବରଦାତାନାଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁଲାଇ, ୨୦୨୧



**ବାଳ ବିକାଶ ପୁଷ୍ଟି, ସୁରକ୍ଷା ଯୋଜନା ଆରମ୍ଭ**

**କଟକ ଅଫିସ:** କରୋନାରୁ ଶିଶୁମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀ ଶ୍ରୀ ଆୟୁର୍ବେଦ ଚିକିତ୍ସାଳୟ ପକ୍ଷରୁ ସୋମବାର 'ବାଳ ବିକାଶ ପୁଷ୍ଟି ଓ ସୁରକ୍ଷା ଯୋଜନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ଉଦ୍‌ଘାଟନ କରିଥିଲେ। ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପରିସରରେ ଶ୍ରୀ ଶ୍ରୀ ଆୟୁର୍ବେଦ ଚିକିତ୍ସାଳୟରେ ଶିଶୁ ବିଭାଗ ପକ୍ଷରୁ ଶହେ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସା ଉପକରଣ ବ୍ୟବସ୍ଥା କରାଯାଇଛି। ଚିକିତ୍ସାଳୟର ଉପ ଅଧୀକ୍ଷକ ଡା. ମିଲି ବିଶୋଇ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଏ.କେ. ସିଂହ, ପ୍ରଫେସର ଡା. ଦୁର୍ଗାପ୍ରସାଦ ଦାଶ ପ୍ରଫେସର ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରକୁ ୧୦ହଜାର ଜରିମାନା

**କଟକ ଅଫିସ,୧୨।୭:** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ କଟକ ସିଡିଏ ସେକ୍ଟର ୬ସ୍ଥିତ ଜଗନ୍ନାଥ ମନ୍ଦିରକୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଛି। ସୋମବାର ରଥଯାତ୍ରାରେ ଏହି ଜଗନ୍ନାଥ ମନ୍ଦିରରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଖବର ପାଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚି ମନ୍ଦିରରେ ଚଢ଼ାଉ କରିବା ସହ କର୍ତ୍ତପକ୍ଷଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏ ନେଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି, ଉକ୍ତ ମନ୍ଦିରରେ ଲୋକମାନେ ସାମାଜିକ ଦୂରତା ଭୁଲି ଅବଢା କିଣିବା ପାଇଁ ଗହଳି କରିଥିଲେ। ସେଥିପାଇଁ ଜରିମାନା ଆଦାୟ କରାଯାଇଛି।

### ଓଜେଇଇ ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୨।୭(ବ୍ୟୁରୋ) :** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୧ ପାଇଁ ପୁଣି ଆବେଦନ ସମୟ ବୃଦ୍ଧି କରାଯାଇଛି। ୨୬ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏଥିପାଇଁ ୨୮ତାରିଖ ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଫି' ଦାଖଲ କରିବାକୁ ପଡ଼ିବ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏକାଧିକ ଥର ଆବେଦନ ସମୟକୁ ବୃଦ୍ଧି କରାଯାଇଛି। କିନ୍ତୁ ଏଣିକି ଆବେଦନ ଅବଧ ଆଉ ବଢ଼ିବ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାଙ୍କୀ,୧୨।୭(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତ ଖମାରୀ ସାହିସ୍ଥିତ ବଧି ପୋଖରୀରେ ବୁଡ଼ିଯାଇ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଅଞ୍ଚଳର ବୁଦ୍ଧିଆ ସାହୁ (୨୮)। ସେ ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ପାଖରେ ଗାଧୋଉଥିବା ଲୋକେ ତାଙ୍କୁ ବଞ୍ଚାଇବାକୁ ଗଭୀର ଜଳକୁ ଯିବାକୁ ସାହସ କରି ନ ଥିଲେ। ଗ୍ରାମବାସୀ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପୋଖରୀରୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବୁଦ୍ଧିଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଙ୍କୀ ପୋଲିସ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୮/୨୧) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ୩ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି,୧୨।୭(ସ୍ୱ.ପ୍ର.)** ନିଶ୍ଚିନ୍ତକୋଇଲି ବ୍ଲକ ଓରତି ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଦାସପୁର ଗ୍ରାମରେ ସୋମବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋଟିଏ ଦଳିତ ପରିବାରର ୩ ବଖରା ଜଳିଯାଇଛି। ଏଥିରେ ପ୍ରଭାତ ସେଠୀ ଓ ତାଙ୍କ ସାନଭାଇ ପ୍ରଶାନ୍ତ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର, ଧାନ,ଚାଉଳ ସମେତ ଏକ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜଳିଯାଇଛି ବୋଲି ପରିବାର ଲୋକେ କହିଛନ୍ତି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା।

# ଡେବିଟ୍ କାର୍ଡ କ୍ଲୋନିଂ ମାଧ୍ୟମରେ ଠକେଇ

## ସତର୍କ କଲେ କଟକ ଡିସିପି

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ସାଇବର ଠକଙ୍କ ଆଡ୍ଡାସ୍ଥଳ ପାଲଟିଲାଣି ଓଡ଼ିଶା। ପୂର୍ବରୁ ଓଡ଼ିଶାରେ ହେଉଥିବା ସାଇବର ଠକେଇରେ ବାହାର ରାଜ୍ୟର ଲିଙ୍କ୍ ରହୁଥିଲା। ଏବେ ରାଜ୍ୟ ଭିତରେ ସାଇବର ଠକଙ୍କ ଉତ୍ପାତ ବଢ଼ିଯାଇଛି। ସେମାନେ ଠକେଇର ତରିକା ବାରମ୍ବାର ବଦଳାଇ ଲୋକଙ୍କୁ ଫସାଇ ଠକୁଛନ୍ତି। ଏବେ ସେମାନେ ଏଟିଏମ୍/ଡେବିଟ୍ କାର୍ଡ଼ କ୍ଲୋନିଂ ମାଧ୍ୟମରେ ଠକିପାରନ୍ତି ବୋଲି ପୋଲିସ ଓ ସାଇବର ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏନେଇ କଟକ ଡିସିପି ପ୍ରତୀକ ସିଂ ଟୁଇଟର୍ ମାଧ୍ୟମରେ ଲୋକଙ୍କୁ ସତର୍କ ଓ ସଚେତନ କରିଛନ୍ତି। ଏଥିସହ ଟଙ୍କା ଉଠାଇବାକୁ ଯିବାବେଳେ କ'ଣ ସବୁ ସତର୍କତା ଅବଲମ୍ବନ କରିବାକୁ ହେବ ସେନେଇ ପରାମର୍ଶ ଦେଇଛନ୍ତି।




### କ୍ଲୋନିଂ କ'ଣ, କିପରି ଠକେଇ ହୁଏ?

କୌଣସି ଏଟିଏମ୍ ବା ଡେବିଟ୍ କାର୍ଡ଼ର ଅବିକଳ ତଥ୍ୟ ସହ ନକଲ କାର୍ଡ଼ ପ୍ରସ୍ତୁତ କରିବାକୁ ଏଟିଏମ୍ କ୍ଲୋନିଂ କୁହାଯାଏ। ସାଇବର ଠକମାନେ ପ୍ରଥମେ ଟଙ୍କା ଉଠାଇବାକୁ ଏଟିଏମ୍ ଯାଉଥିବା ଲୋକଙ୍କ କାର୍ଡର ତଥ୍ୟକୁ ବିଭିନ୍ନ ଉପାୟରେ ଚୋରି କରିଥାନ୍ତି। ବ୍ୟାଙ୍କ ଓ ଏଟିଏମ୍‌କୁ ସପୋର୍ଟ କରୁଥିବା ତଥ୍ୟ ଦେଇ ନକଲି କାର୍ଡ ପ୍ରସ୍ତୁତ କରିବା ପରେ ତାହା ଜରିଆରେ ଟଙ୍କା ଉଠାଇନେଇଥାନ୍ତି। ତେବେ ତଥ୍ୟ ଚୋରି ସଂକ୍ରାନ୍ତରେ ଡିସିପି ସିଂ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ଏଟିଏମ୍ କାର୍ଡରେ ଏକ କଳାରଙ୍ଗର ମାଗ୍‌ନେଟ୍ ଷ୍ଟ୍ରିପ୍ ଲାଗିଥାଏ। ଏଥିରେ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟର ଗୁପ୍ତ ତଥ୍ୟ ରହିଥାଏ। ସାଇବର ଠକମାନେ ଉକ୍ତ ମାଗନେଟ୍ ଷ୍ଟ୍ରିପ୍‌ରୁ ତଥ୍ୟ ନେବା ପାଇଁ ସ୍କିମର ମେଶିନ ଓ ଗୁପ୍ତ କ୍ୟାମେରା ବ୍ୟବହାର କରିଥାନ୍ତି। ଏଟିଏମ୍ ମେଶିନର କାର୍ଡ ପ୍ରବେଶ ସ୍ଥାନରେ ମଧ୍ୟ ସାଇବର ଠକମାନେ ଏହି ମେଶିନ ଖଞ୍ଜିଥାନ୍ତି। ଫଳରେ ଜଣେ ଲୋକ କାର୍ଡ ଭର୍ତ୍ତି କରିବାମାତ୍ରେ ମ୍ୟାଗ୍‌ନେଟିକ୍ ଷ୍ଟ୍ରିପ୍‌ରେ ଥିବା ଗୁପ୍ତ ତଥ୍ୟକୁ ମେଶିନଟି ସଂଗ୍ରହ କରିନିଏ। ଏଥିସହିତ ଏଟିଏମ୍ କି-ପ୍ୟାଡ୍ ଉପରେ ଛୋଟ କ୍ୟାମେରା ଲଗାଇଥାନ୍ତି। ଲୋକେ ପିନ୍ ନମ୍ବର ଟିପିବାକ୍ଷଣି ତାହା କ୍ୟାମେରାରେ ରେକର୍ଡିଂ ହୋଇଯାଇଥାଏ। କେତେକ ସ୍ଥଳେ ଠକମାନେ ଟଙ୍କା ଉଠାଉଥିବା ଲୋକର ପଛରେ ଛିଡା ହୋଇ ଗୁପ୍ତ କ୍ୟାମେରା ସାହାଯ୍ୟରେ ପିନ୍ ନମ୍ବର ଚୋରି କରିଥାନ୍ତି। ପରେ ସେମାନେ ଏହି ତଥ୍ୟକୁ ନେଇ ଉକ୍ତ କାର୍ଡ଼ର ଏକ କ୍ଲୋନ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଅନ୍ତି। ସେହିଭଳି ଏକ ସ୍ୱତନ୍ତ୍ର ମେଶିନ ସାହାଯ୍ୟରେ ଏଟିଏମ୍ ହ୍ୟାକ୍ କରିଦେଇଥାନ୍ତି। ସାଧାରଣ ଲୋକେ ଟଙ୍କା ଉଠାଇବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସାହାଯ୍ୟ କରିବା ବାହାନାରେ ଠକମାନେ ତଥ୍ୟ ଚୋରାଇ ନେଇ ଆକାଉଣ୍ଟରୁ ଟଙ୍କା ଉଠାଇ ନିଅନ୍ତି।

### ସାଇବର ବିଶେଷଜ୍ଞଙ୍କ ମତରେ...

ସଚେତନ ହେଲେ ଏଭଳି ଠକେଇରୁ ବଞ୍ଚିପାରିବା ବୋଲି ସାଇବର ବିଶେଷଜ୍ଞ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏଟିଏମ୍‌ରେ ଟଙ୍କା ଉଠାଇବାକୁ ଯିବା ସମୟରେ ମେଶିନକୁ ଭଲ ଭାବେ ଲକ୍ଷ୍ୟ କରନ୍ତୁ। ମେଶିନରେ କାର୍ଡ ଭର୍ତ୍ତି କରିବା ସ୍ଥାନରେ ଉଚ୍ଚା ଲାଗିବା କିମ୍ବା ଅନ୍ୟ କୌଣସି ଅସ୍ୱାଭାବିକ ଲକ୍ଷଣ ଦେଖିଲେ ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷକୁ ଜଣାନ୍ତୁ। ଏଟିଏମ୍ ପିନ୍ ଦେବା ସମୟରେ ହାତ ଦେଇ ମାରନ୍ତୁ ଯେମିତି ଅନ୍ୟ କେହି ଏହା ଦେଖିପାରିବେ ନାହିଁ। କୌଣସି ଗୁପ୍ତ କ୍ୟାମେରା ଲାଗିଛି କି ନାହିଁ ଯାଞ୍ଚ କରିନିଅନ୍ତୁ। ଟଙ୍କା ଉଠାଇବା ସମୟରେ କୌଣସି ଅପରିଚିତ ଲୋକର ସାହାଯ୍ୟ ନିଅନ୍ତୁ ନାହିଁ। ନିଜ କାର୍ଡ଼ର ପିନ୍ ବାରମ୍ବାର ପରିବର୍ତ୍ତନ କରନ୍ତୁ। ଏହାପରେ ମଧ୍ୟ କୌଣସି ସମସ୍ୟା ଦେଖାଗଲେ ତୁରନ୍ତ ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ ବୋଲି ପ୍ରଶାନ୍ତ ମତ ଦେଇଛନ୍ତି।

## ସମବାୟ ସମ୍ପାଦକ ନିଯୁକ୍ତିରେ ସରକାରୀ ହସ୍ତକ୍ଷେପକୁ ବିରୋଧ

**କଟକସଦର,୧୨।୭ (ଡି.ଏନ୍.ଏ.)**

କଟକ ସଦର ବ୍ଲକର ୫ଟି ସେବା ସମବାୟ ସମିତିରେ ସମ୍ପାଦକ ପଦବୀ ଖାଲି ପଡ଼ିଛି। ଏହି ନିଯୁକ୍ତି ସରକାରୀ ଅଧିକାରୀମାନଙ୍କ ଦ୍ୱାରା କରାଯିବ ବୋଲି ରାଜ୍ୟ ସମବାୟ ସମିତି ନିବନ୍ଧକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ଭାଜପା କଟକ ଜିଲା ସମବାୟ ସଂଯୋଜକ ବିଜୟ ରାଉତରାୟ ବିରୋଧ କରିଛନ୍ତି। କାରଣ ଭବିଷ୍ୟତରେ ସମବାୟ ସମ୍ପାଦକ ଭାବେ ନିଯୁକ୍ତି ପାଇବାକୁ ଥିବା ବ୍ୟକ୍ତିଙ୍କୁ ସରକାର ଟଙ୍କାଟିଏ ସାହାଯ୍ୟ ଦେବେ ନାହିଁ। କୌଣସି ସରକାରୀ ସୁବିଧା ପାଇବେ ନାହିଁ । ଏଭଳି ପରିସ୍ଥିତିରେ ନିର୍ବାଚିତ ସମବାୟ ସମିତିର ବୋର୍ଡ ଗଠନ ପର୍ଯ୍ୟନ୍ତ ସମ୍ପାଦକ ମନୋନୟନ ପ୍ରକ୍ରିୟା ବନ୍ଦ କରିବା ପାଇଁ ରାଉତରାୟ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୩-୧୪ ଆର୍ଥିକ ବର୍ଷପରଠାରୁ ସମବାୟ ବ୍ୟାଙ୍କମାନେ କ୍ୟାଡର ସମ୍ପାଦକ ନିଯୁକ୍ତି ବନ୍ଦ କରିଦେଇଛନ୍ତି। ଏବେ ସିଧାସଳଖ ନିଯୁକ୍ତି ଦିଆଗଲେ ମନୋନୀତ ବ୍ୟକ୍ତି ଜଣକ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଦରମା ଦାବି କରିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ରାଉତରାୟ ଦାବି କରିଛନ୍ତି।


ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିରରେ ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରୁଛନ୍ତି।


ରାଣୀହାଟସ୍ଥିତ ବଳଦେବ ଜୀଉ ମନ୍ଦିରରେ ମହାପ୍ରଭୁ ପୂଜା ପାଉଛନ୍ତି।

# ବିନା ଭକ୍ତରେ ରଥଯାତ୍ରା

**କଟକ ଅଫିସ/ଆଠଗଡ଼/ବାଙ୍କୀ, ୧୨।୭ (ସ୍ୱ.ପ୍ର.):** କଟକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସୋମବାର ବିନା ଭକ୍ତରେ ରଥଯାତ୍ରା ପାଳିତ ହୋଇଯାଇଛି। ହରିପୁର ଦୋଳମୁଣ୍ଡାଇସ୍ଥିତ ପତିତପାବନ ଜୀଉ ମନ୍ଦିରରେ କଟକଣା ମଧ୍ୟରେ ରଥଯାତ୍ରା ପାଳନ କରାଯାଇଛି। ମନ୍ଦିର ପରିସରରେ ୬ଚକ ଲଗା ବିଶିଷ୍ଟ ଏକ ରଥ ନିର୍ମାଣ କରାଯାଇ ଠାକୁରଙ୍କୁ ବିଜେ କରାଯାଇଥିଲା। ରାଜା ବ୍ରଜ କିଶୋର ପ୍ରଧାନ ଛେରାପହଁରା କରିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ ବାବୁ ପ୍ରଧାନ, ପୂଜା କମିଟି ସଭାପତି ପ୍ରଦୀପ ମୁଳିଆ, ସାଧାରଣ ସମ୍ପାଦକ ଲିଙ୍ଗରାଜ ହାତୀ, କ୍ଷୀରୋଦ ଚନ୍ଦ୍ର ମହାରଣା, ଧନେଶ୍ୱର ମୁଳିଆ, ରାଜକିଶୋର ରାଉତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାନ୍ଦିନୀଚୌକ, ତେଲେଙ୍ଗାବଜାର, ମହମ୍ମଦିଆବଜାର ଓ କାଜିବଜାର ଜଗନ୍ନାଥ ମନ୍ଦିର ସମେତ ବାଲୁବଜାରସ୍ଥିତ ବିନୋଦ ବିହାରୀ ମନ୍ଦିର ଏବଂ ରାଣୀହାଟସ୍ଥିତ ବଳଦେବ ଜୀଉ ମନ୍ଦିରରେ ରଥଯାତ୍ରା ପାଳିତ ହୋଇଯାଇଛି। ସେହିଭଳି ଆଠଗଡ଼ ଗଡ଼ଜାତର ଆରାଧ୍ୟ ଶ୍ରୀ ଅଟ୍ଟାଳିଦେବ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ମନ୍ଦିର ପରିସରରେ ପ୍ରତିକାତ୍ମକ ଭାବେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଦେବୋତ୍ତର ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସଂଯୋଜନାରେ ସେବାୟତ ଓ ପ୍ରଶାସନିକ ଅଧିକାରୀମାନେ ସହାୟତା କରିଥିଲେ। ରାଜ ପୁରୋହିତ ସୁଶାନ୍ତ ମିଶ୍ର କରୋନାରେ ଆକ୍ରାନ୍ତ ଥିବାରୁ କିଛି ପରମ୍ପରା ବ୍ୟାଘାତ ପରିଲକ୍ଷିତ ହୋଇଥିଲା। ବାଙ୍କୀ ଚର୍ଚ୍ଚିକାଙ୍କ ପୀଠର ପାଦଦେଶରେ ନୀତିକାନ୍ତି ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ଜଗନ୍ନାଥ ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ରଣା, ଉପଦେଷ୍ଟା ଶରତ ଚନ୍ଦ୍ର ମହାପାତ୍ର ଏବଂ ମା'ଚର୍ଚ୍ଚିକାଙ୍କ ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।


ଦୋଳମୁଣ୍ଡାଇସ୍ଥିତ ପତିତପାବନ ମନ୍ଦିରରେ ରାଜା ବ୍ରଜକିଶୋର ପ୍ରଧାନଙ୍କ ଛେରାପହଁରା ।

## ସୋଲରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ବିଗ୍ରହ

**କଟକ ଅଫିସ, ୧୨।୭**

ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ କରୋନା ମହାମାରୀ ଯୋଗୁ ରଥଯାତ୍ରା ବନ୍ଦ ରହିଛି। ଭକ୍ତଙ୍କ ଭାବାବେଗକୁ ବୁଝି ମଙ୍ଗଳାବାଗ ମହ୍ଲାସାହିର ଚିତ୍ରଶିଳ୍ପୀ ମନୋଜ କୁମାର ବେହେରା ସୋଲରେ



ଶ୍ରୀଜଗନ୍ନାଥଙ୍କ ଅବିକଳ ପ୍ରତିମୂର୍ତ୍ତି ତିଆରି କରିଛନ୍ତି । ଏହି ପ୍ରତିମୂର୍ତ୍ତି ତିଆରି କରିବାକୁ ତାଙ୍କୁ ୫ ଦିନ ସମୟ ଲାଗିଥିଲା । ସୋମବାର ସ୍ଥାନୀୟ ବୁଢ଼ୀମଙ୍ଗଳା ପ୍ରାଙ୍ଗଣରେ ଏହି ମୂର୍ତ୍ତିଙ୍କୁ ରଖାଯାଇଥିଲା । ପରେ ସ୍ଥାନୀୟ ଲୋକେ କରୋନା କଟକଣାକୁ ମାନି ଏହି ସୋଲ ନିର୍ମିତ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିବା ସହ ପୁଷ୍ପାଞ୍ଜଳି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାହି ମୁରବି ମନୋଜ, ଅଶ୍ୱିନୀ ମହାରଣା, ଚନ୍ଦ୍ରଶେଖର ବେହେରା, ସଞ୍ଜୟ ସାହୁ, ନାରାୟଣ ପ୍ରଧାନ, ଅମନ ରାଉତ, ରାଜେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଦର ବୃଦ୍ଧିକୁ ଏସ୍‌ୟୁସିଆଇର ବିରୋଧ

**କଟକ ଅଫିସ,୧୨।୭**

## ୧୫ରେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ନିତ୍ୟ-ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। କରୋନା ମହାମାରୀ ଯୋଗୁ ବର୍ତ୍ତମାନ କୋଟି କୋଟି ଲୋକ କାମ ହରାଇଛନ୍ତି। ଏପରି କି ବହୁ ଲୋକ ଅନାହାର ଓ ଅର୍ଦ୍ଧାହାରରେ କାଳାତିପାତ କରୁଛନ୍ତି। ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏଭଳି ସମୟରେ ଆକାଶଛୁଆଁ ମୂଲ୍ୟ ବୃଦ୍ଧି ବେଢ଼ି ଉପରେ କୋରଡ଼ା ମାଡ ସଦୃଶ ହୋଇଛି। ଏହା ଅତ୍ୟନ୍ତ ବେଦନାଦାୟକ ଓ ସରକାରଙ୍କ ଜନବିରୋଧୀ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଛି। ପ୍ରତିଦିନ ପେଟ୍ରୋଲ, ଡିଜେଲ୍ ମୂଲ୍ୟ ବୃଦ୍ଧି ଘଟି ପେଟ୍ରୋଲ ଏବେ ଲିଟର ପିଛା ରାଜ୍ୟରେ ୧୦୧ ଟଙ୍କା ଅତିକ୍ରମ କରିଥିବା ବେଳେ ଡିଜେଲ ୯୮ ଟଙ୍କା ଓ ରନ୍ଧନ ଗ୍ୟାସର ମୂଲ୍ୟ ୯୦୦ ଟଙ୍କା ପହଞ୍ଚିଲାଣି। ଏହି ମୂଲ୍ୟ ବୃଦ୍ଧି ସମ୍ପର୍କରେ କେନ୍ଦ୍ର ସରକାର ବିଭିନ୍ନ ପ୍ରକାରର ମିଥ୍ୟା ସଫେଇ ଦେଉଛନ୍ତି। ଅନ୍ୟ ଦିଗରେ ତେଲ, ଡାଲିଠାରୁ ଆରମ୍ଭ କରି ନିତ୍ୟ-ପ୍ରୟୋଜନୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଜନ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି ବୋଲି ଏସ୍‌ୟୁସିଆଇ(ସି) ଅଭିଯୋଗ ଆଣିଛି। ଦରଦାମ୍ ବୃଦ୍ଧିକୁ ବିରୋଧ କରି ଏସ୍‌ୟୁସିଆଇ(ସି) ପକ୍ଷରୁ ଜୁଲାଇ ୧୫ରେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ଡାକରା ଦିଆଯାଇଛି ବୋଲି କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ସୋମବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଏସ୍‌ୟୁସିଆଇ(ସି)ର ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ଭାଗ୍ୟରବି ଦାସ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୩ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ,୧୨।୭**

ଗଞ୍ଜେଇ ଚାଲାଣ ଅଭିଯୋଗରେ କଟକ ରେଲୱେ ପୋଲିସ ଫୋର୍ସ (ଆରପିଏଫ) ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ସାଜାହାନ ମଣ୍ଡଳ(୨୬) ଓ ଇଦରୀଶ ମଣ୍ଡଳ(୪୨)। ସେମାନଙ୍କ ଠାରୁ ୧୩ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଶନିବାର ରାତି ପ୍ରାୟ ୯ଟାରେ ଦୁଇଟି ଲଗେଜ ଧରି କଟକ ରେଳ ଷ୍ଟେଶନକୁ ଆସିଥିଲେ। ଭିତରକୁ ଯିବାବେଳେ ୧ନଂ ଗେଟ ପାଖରେ ଥିବା ସ୍କାନିଂ ମେଶିନରେ ବ୍ୟାଗ ସ୍କାନ କରାଯିବାରୁ କିଛି ଆପତ୍ତିଜନକ ସାମଗ୍ରୀ ଥିବା ଜଣାପଡିଥିଲା। ଆରପିଏଫ୍ କର୍ମଚାରୀମାନେ ବ୍ୟାଗ ସହ ୨ଜଣଙ୍କୁ ଥାନାକୁ ଆଣିଥିଲେ। ଯାଞ୍ଚ କରିବାରୁ ବ୍ୟାଗରୁ ପ୍ରାୟ ୧୩ କିଲୋ ୨ଶହ ଗ୍ରାମର ଗଞ୍ଜେଇ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ୩୨ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ପଚରାଉଚରା ବେଳେ ଗଞ୍ଜେଇ ଚାଲାଣର ମୁଖ୍ୟ କାର୍ପଟଦାର ବିଷୟରେ ସୂଚନା ମିଳିଥିଲା। ସେମାନଙ୍କ ସୂଚନାନୁସାରେ, ମୁର୍ଶିଦାବାଦ ଅଞ୍ଚଳର ସକିବୁଲ ଇସଲାମ ଦୀର୍ଘ ଦିନ ହେବ ଏହି ନିଶା କାରବାର ଚଳାଇଛି। ସେ ପ୍ରାୟତଃ ଟ୍ରେନରେ କଟକ ଆସି ଗଞ୍ଜେଇ ଚାଲାଣ କରିଥାଏ। ଆସିବା ସମୟରେ ସକିବୁଲ ନିଜ ଅଞ୍ଚଳର କେତେଜଣ ଯୁବକ ଓ ମହିଳାଙ୍କୁ ସାଙ୍ଗରେ ଧରିଆସେ। କଟକରେ ପହଞ୍ଚିବା ପରେ ସେ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଓ ଫେରିବାକୁ ଟଙ୍କା ଦେଇ ସହଯୋଗୀଙ୍କଠାରୁ ଗାୟବ ହୋଇଯାଏ। ଶନିବାର ଅଭିଯୁକ୍ତଦ୍ୱୟ ସକିବୁଲ ସହିତ କଟକ ଆସିଥିଲେ। ସେଠାରେ ସକିବୁଲ ସେମାନଙ୍କ କିଛି ଟଙ୍କା ଦେଇ ଚାଲିଯାଇଥିଲା। ପ୍ରାୟ ଅଧ ଘଣ୍ଟା ପରେ ପୁଣି ଷ୍ଟେଶନକୁ ଆସି ୨ଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ ସହ ଟ୍ରେନ ଟିକଟ ଧରାଇ ହାୱଡା ଯିବା ଲାଗି କହିଥିଲା। ତେବେ ହାୱଡାରେ ବ୍ୟାଗ ହସ୍ତାନ୍ତର କରିବା ପରେ ପ୍ରତି ବ୍ୟାଗ ପିଛା ୪ ହଜାର ଟଙ୍କା ମିଳିବ। ବ୍ୟାଗ ନେବା ବ୍ୟକ୍ତି ଟଙ୍କା ଦେବ ବୋଲି ସକିବୁଲ କହିଥିଲା। ପରେ ରାତି ୯ଟାରେ ଅଭିଯୁକ୍ତଦ୍ୱୟ ହାୱଡା ଅଭିମୁଖେ ବାହାରିଥିଲେ। ଏହା ଜଣାପଡ଼ିବା ପରେ ଆରପିଏଫ ସକିବୁଲକୁ ଧରିବାକୁ ତଦନ୍ତ ଚଳାଇଛି।


ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଉତ୍କଳ ପ୍ରସଙ୍ଗ' ପୁସ୍ତକକୁ ସୋମବାର ଉନ୍ମୋଚନ କରୁଛନ୍ତି।

## ୭ ବ୍ୟାଟେରି ଚାଳିତ ସଫେଇ ଗାଡ଼ି ଲୋକାର୍ପିତ

**ଆଠଗଡ଼,୧୨।୭(ସ୍ୱ.ପ୍ର.)**

ଆଠଗଡ଼ ଏନ୍‌ଏସି ଆନୁକୂଲ୍ୟରେ ବିଭିନ୍ନ ସାହି ବସ୍ତିରୁ ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ୭ ବ୍ୟାଟେରି ଚାଳିତ ଗାଡ଼ିକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ଲୋକାର୍ପିତ କରିଛନ୍ତି। ଏହି ଗାଡ଼ିଗୁଡ଼ିକ ପରିଷଦର ବିଭିନ୍ନ ସାହି ଓ ବସ୍ତିରୁ ବର୍ଜ୍ୟବସ୍ତୁ ସଂଗ୍ରହ କରି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ପହଞ୍ଚାଇବ। ଗାଡ଼ିଗୁଡ଼ିକୁ ଚଲାଇବା ପାଇଁ ଓ ଏହାକୁ ପରିଚାଳନା ପାଇଁ ୭ ଜଣ ଲେଖାଏ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ପରିଷଦ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ସଂଯୋଜନାରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ଅଧକ୍ଷା ସୁଚିତ୍ରା ସାହୁ, ବିଜେଡି ନଗର ସଭାପତି ଶିଶିର ପ୍ରସାଦ ମାନସିଂହ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ରଞ୍ଜିତା ଭକ୍ତା ଓ ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଷ୍ଟରମାଇଣ୍ଡଙ୍କ ସହ ୪ଜଣ ରିମାଣ୍ଡରେ ଆସିବେ

**କଟକ ଅଫିସ,୧୨।୭**

- ମୋବାଇଲ ଟାୱାର ବସାଇବା ନାଁରେ ଠକେଇ ଘଟଣା
- ସହଯୋଗ କରୁନି କୋଲକତା ପୋଲିସ

ଏକ ମୋବାଇଲ ଟାୱାର ବସାଇବା ନାଁରେ କଟକସ୍ଥିତ ଜଗତପୁରର ଜଣେ ବ୍ୟକ୍ତିଙ୍କଠାରୁ ୩୯ଲକ୍ଷ ୧୮୭୦ଟଙ୍କା ଠକେଇ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୪ଜଣ ଅଭିଯୁକ୍ତ ରିମାଣ୍ଡରେ ଆସିବେ। ଏ ନେଇ ଓଡ଼ିଶା ପୋଲିସ ତରଫରୁ କୋଲକତା ପୋଲିସକୁ ଅବଗତ କରାଯାଇଛି। ଖୁବଶୀଘ୍ର ଓଡ଼ିଶା ପୋଲିସର ଏକ ଟିମ କୋଲକତା ଯିବ। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯାଇ ସେଠାକାର କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରାଯିବ। ତେବେ ରିମାଣ୍ଡରେ ଆଣିବା ପାଇଁ ଆବଶ୍ୟକୀୟ କାଗଜପତ୍ର ଯୋଗାଇବାରେ କୋଲକତା ପୋଲିସ ସହଯୋଗ କରୁ ନ ଥିବା ସାଇବର ସେଲର ଇନ୍ସପେକ୍ଟର ରେଣୁବାଳା ତ୍ରିପାଠି କହିଛନ୍ତି।

ସୂଚନାଯୋଗ୍ୟ, ଜଗତପୁରର ଦିଲୀପ ସାହୁଙ୍କୁ ୨୦୧୯ ଡିସେମ୍ବର ୧୨ରେ ମୋବାଇଲ ଟ୍ୱାୱାର ବସାଇବାକୁ କହି ଜଣେ ବ୍ୟକ୍ତି ନିଜକୁ ଏକ ଟେଲିକମ କମ୍ପାନୀର ନୋଡାଲ ଅଧିକାରୀ ପରିଚୟ ଦେଇ କଲ୍ କରିଥିଲେ। ତାଙ୍କ ଜାଗାରେ ଟାୱାର ବସାଇଲେ ୨୦ବର୍ଷ ପାଇଁ ୨୦ଲକ୍ଷ ଟଙ୍କା ସିକ୍ୟୁରିଟି ଅର୍ଥ ଦିଆଯିବ ବୋଲି କହିଥିଲେ। ଏଥିରେ ଦିଲୀପ ରାଜି ହୋଇ ସମସ୍ତ ପ୍ରକାରର ଡକ୍ୟୁମେଣ୍ଟ ପଠାଇଥିଲେ। ପରେ ସାଇବର ଠକ ତାଙ୍କଠାରୁ ୨୫ଟି ନକଲି ଆକାଉଣ୍ଟ ମାଧ୍ୟମରେ ପ୍ରୋସେସିଂ ଫି, ପଞ୍ଜିକରଣ ଫି, ଇନକମ ଟାକ୍ସ, ଜିଏସଟି ବାବଦକୁ ପର୍ଯ୍ୟାୟକ୍ରମେ ୩୯ଲକ୍ଷ ୧୮,୭୦ଟଙ୍କା ଠକି ନେଇଥିଲେ। ଏ ନେଇ ଦିଲୀପ ଜୁନ ୪ରେ ଜଗତପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା ରୁଜୁ(ନଂ. ୨୨୦/୨୧) କରି ତଦନ୍ତ କରିଥିଲା। ପରେ ଏକ ସ୍ୱତନ୍ତ୍ର ଟିମ କୋଲକତାରେ ପହଞ୍ଚି ୨ଜଣ ଆନ୍ତଃରାଜ୍ୟ ସାଇବର ଠକ ବିହାର ଦରଭଙ୍ଗା ଅଞ୍ଚଳର ଅନିଲେଶ ଆନନ୍ଦ(୨୩) ଓ ପଶ୍ଚିମବଙ୍ଗ ପଶ୍ଚିମ ବର୍ଦ୍ଧମାନ ଅଞ୍ଚଳର ଅଙ୍କିତ ରୟ(୨୩)ଙ୍କୁ ଧରିଥିଲା। ଅଭିଯୁକ୍ତଙ୍କୁ ଓଡ଼ିଶା ପୋଲିସ ଜୁନ ୨୬ରେ ଗିରଫ କରି ସ୍ଥାନୀୟ ଦୁର୍ଗାପୁର ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇ ୨୭ରେ ରିମାଣ୍ଡରେ କଟକ ଆଣିଥିଲେ। ପରେ ଚୌଦ୍ୱାର ଜେଲ ପଠାଇଥିବାବେଳେ ଅଧିକ ତଥ୍ୟ ପାଇଁ ଗତ ୮ରେ ପୁଣି ୨ ଅଭିଯୁକ୍ତଙ୍କୁ ଜଗତପୁର ଥାନା ପୋଲିସ ରିମାଣ୍ଡରେ ଆଣିଥିଲା। ସେମାନଙ୍କୁ ପଚରାଉଚୁରା ସମୟରେ ଏହି ଠକେଇର ମାଷ୍ଟରମାଇଣ୍ଡ ପୂର୍ବରୁ ଗିରଫ ହୋଇ କୋଲକତାର ଦମଦମ ଜେଲରେ ରହୁଥିବା ବିହାରର ଅଭୟ ତିୱାରୀ ବୋଲି ଜଣାପଡ଼ିଥିଲା। ଅଭୟ ହେଉଛନ୍ତି ଉପରୋକ୍ତ ୨ ଅଭିଯୁକ୍ତଙ୍କ ସମ୍ପର୍କୀୟ। ତେଣୁ ମାଷ୍ଟର ମାଇଣ୍ଡ ଅଭୟ ଓ ଅନ୍ୟ ୩ଜଣ ଅଭିଯୁକ୍ତଙ୍କୁ କୋଲକତାରୁ ରିମାଣ୍ଡରେ ଆଣି ଏକ ବଡ଼ ସାଇବର ଠକେଇର ପର୍ଦ୍ଦାଫାଶ କରିବାର ଯୋଜନା ରଖିଛି ଓଡ଼ିଶା ପୋଲିସ।